# ବିଲ୍ଡର୍ ଓ କ୍ରେତାଙ୍କ ମଧ୍ୟରେ ବିବାଦ ସମାଧାନ କରିବ ସିଡିଆର୍ ସେଲ୍

**ଭୁବନେଶ୍ୱର,୧୫ ।୧(ସମିସ):** ବିଲ୍ଡର୍ ଓ କ୍ରେତାଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ସମାଧାନ କରିବ କନ୍‌ସିଲିଏସନ୍ ଆଣ୍ଡ ଡିସ୍‌ପ୍ୟୁଟ୍ ରିଜୋଲ୍ୟୁସନ (ସିଡିଆର୍) ସେଲ୍। ଉଭୟ ଆପାର୍ଟମେଣ୍ଟ ଓ ଫ୍ଲାଟ୍ ସମ୍ପର୍କିତ ବିବାଦ ଏଥିରେ ସମାଧାନ କରାଯିବ। ଆପାର୍ଟମେଣ୍ଟ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ସମାଧାନ ପାଇଁ ଅନେକ ସମୟରେ ମାମଲା କୋର୍ଟକୁ ଯାଉଛି। ଓରେରା କୋର୍ଟ ସମେତ ସିଭିଲ୍ କୋର୍ଟରେ ଏଭଳି ମାମଲା ବୃଦ୍ଧି ପାଉଛି। ଅନ୍ୟପଟେ କୋର୍ଟରେ ବିଚାରାଧୀନ ପ୍ରକ୍ରିୟା ଅଧିକ ସମୟସାପେକ୍ଷ ହୋଇଥିବାରୁ ଉଭୟ କ୍ରେତା ଓ ବିକ୍ରେତା ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ କୋର୍ଟ କଚେରି ନଯାଇ କିପରି ଏ ସମ୍ପର୍କିତ ବିବାଦ ସମାଧାନ ହୋଇପାରିବ, ତାକୁ ଗୁରୁତ୍ୱ ଦେଇ ଓଡ଼ିଶା ରେରା ରାଜ୍ୟରେ ସିଡିଆର୍ ସେଲ୍ ଖୋଲିବାକୁ ନିଷ୍ପତ୍ତି ନେଇଛି।

ଏହି ସେଲ୍ ଏକ ମଧ୍ୟସ୍ଥତା ଭୂମିକା ନିଭାଇବା ସହ ଉଭୟ ପକ୍ଷଙ୍କୁ ସହ ଆଲୋଚନା କରି ବିବାଦ ସମାଧାନ ପାଇଁ ପଦକ୍ଷେପ ନେବ ଏହାଦ୍ୱାରା ରେରା କୋର୍ଟଙ୍କ ବିନା ହସ୍ତକ୍ଷେପରେ ବିବାଦର ଅନ୍ତ ହୋଇପାରିବ ବୋଲି ଲକ୍ଷ୍ୟ ରହିଛି। ଗଠନ ହୋଇଥିବା ଏହି ସେଲ୍‌ରେ ୫ଜଣିଆ ସଦସ୍ୟଙ୍କୁ ରଖାଯାଇଛି। ଓରେରା ସଚିବ, ଯୁଗ୍ମ ସଚିବ ଓ ଜଣେ ଆଇନ ପରାମର୍ଶଦାତା ଏଥିରେ

- ସେଲ୍‌ରେ ୫ ଜଣିଆ ସଦସ୍ୟ, କ୍ରେତା ଓ ବିକ୍ରେତାଙ୍କ ପ୍ରତିନିଧି ସାମିଲ
- କୋର୍ଟ ନଯାଇ ଆପୋଷ ସମାଧାନକୁ ଦିଆଯିବ ଗୁରୁତ୍ୱ
- ଫ୍ଲାଟ୍ ଓ ଆପାର୍ଟମେଣ୍ଟ ସମ୍ପର୍କିତ ବିବାଦ ବଢ଼ିବା ପରେ ରେରାର ନିଷ୍ପତ୍ତି

ସଦସ୍ୟ ରହିବା ସହ ଶିଳ୍ପସଂଘ କ୍ରେଡାଇ ଓ ବାସଗୃହ କ୍ରେତା ଆସୋସିଏସନ୍‌ର ଜଣେ ଲେଖାଏଁ ପ୍ରତିନିଧି ଏହି ସେଲ୍‌ରେ ରହିବେ ବୋଲି ରେରା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କୌଣସି ବିବାଦ ଉପୁଜିଲେ କିମ୍ବା ରେରା ନିକଟକୁ ଆସିଲେ, ଉଭୟ ପକ୍ଷର ସହମତି ପରେ ସିଡିଆର ସେଲ୍ ମାମଲାର ସମାଧାନ ପାଇଁ ମଧ୍ୟସ୍ଥତା କରିବ। ଯଦି ବୁଝାମଣା ଜରିଆରେ ମାମଲାର ସମାଧାନ ହୋଇଯାଏ, ଏହାକୁ ଲିଖିତ ଆକାରରେ ଚୁକ୍ତିବଦ୍ଧ କରାଯିବ। ନଚେତ୍ ମାମଲା ବିଚାର ଲାଗି ପୁଣିଥରେ ରେରା କୋର୍ଟକୁ ଫେରିଯିବ। ଓଡ଼ିଶା ରେରାର ସିଡିଆର୍ ସେଲ୍ ଗଠନ ପଦକ୍ଷେପକୁ ରିଅଲ ଇଷ୍ଟେଟ୍ ଶିଳ୍ପସଂଘ-କ୍ରେଡାଇ ସ୍ୱାଗତ କରିଛି। ସଂଘ କହିଛି, ସାଧାରଣତଃ କୋର୍ଟରେ ମାମଲା ବିଚାର ଦ୍ୱାରା ଛୋଟ ମାମଲା ବି ଲମ୍ବା ସମୟ ଚାଲେ। ଏଥିଯୋଗୁଁ ଉଭୟ ପକ୍ଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସିଡିଆର୍ ସେଲ ଜରିଆରେ ଆପୋଷ ବୁଝାମଣାରେ ମାମଲାର ସମାଧାନ ଉଭୟ ବାସଗୃହ କ୍ରେତା ଓ ରିଅଲ ଇଷ୍ଟେଟ୍ ପାଇଁ ଲାଭଦାୟକ ହେବ।

ମହାରାଷ୍ଟ୍ର ସମେତ ଅନ୍ୟ କିଛି ରାଜ୍ୟରେ ଏଭଳି ପଦକ୍ଷେପ ଦ୍ୱାରା ବହୁ ସମସ୍ୟାର ଆପୋଷ ସମାଧାନ ହୋଇପାରିଛି। ଏବେ ଓଡ଼ିଶାରେ ପ୍ରତି ମାସରେ ପ୍ରାୟ ୪୫-୬୦ ଟି ବିବାଦ ରେରା ନିକଟକୁ ଆସୁଥିବା ବେଳେ ସିଡିଆର୍ ସେଲ୍ ଏ କ୍ଷେତ୍ରରେ ବିବାଦ ସମାଧାନରେ ବଡ଼ ସହାୟକ ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରେରା କର୍ମୀ ବିମଳେନ୍ଦୁ ପ୍ରଧାନଙ୍କ କହିବା ଅନୁଯାୟୀ, ୭ବର୍ଷ ତଳୁ ସିଡିଆର୍ ସେଲ ଗଠନ ହେବାର ଥିଲା। ଓରେରା ସୁପାରିଶରେ ରାଜ୍ୟ ସରକାର ସିଡିଆର୍ ସେଲ ଗଠନ କରିବା କଥା। ହେଲେ ସରକାରଙ୍କ ବିନା ଅନୁମତିରେ ରେରା ପକ୍ଷରୁ ଏହି ସେଲ୍ ଗଠନ ହୋଇଥିବାରୁ ଏହାର ନିର୍ଦ୍ଦେଶାବଳୀ ବାସ୍ତବରେ କେତେ କାର୍ଯ୍ୟଦକ୍ଷ ହୋଇପାରିବ, ତାହା ତର୍ଜମାର ବିଷୟ। ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଆପାର୍ଟମେଣ୍ଟ ଓ ଫ୍ଲାଟ୍ କିଣାବିକାକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଲୋକେ ଆପାର୍ଟମେଣ୍ଟ କିଣିବାକୁ ପ୍ରୟାସ କରି ଠକେଇର ଶିକାର ହେଉନ୍ତି। ଘର କିମ୍ବା ଜମି ପାଇଁ ଟଙ୍କା ଦେବା ପରେ ମଧ୍ୟ ଏହାକୁ ନେଇ ବିବାଦ ଆରମ୍ଭ ହେଉଥିବାରୁ ଜୀବନ ଯାକର ପୁଞ୍ଜି ଲଗାଇବା ପରେ ମଧ୍ୟ ଲୋକେ ମାନସିକ ଓ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି।

## ଧିମେଉଛି ଓଏସ୍ଏସ୍ଏସ୍‌ସି ୱେବସାଇଟ୍

**ଭୁବନେଶ୍ୱର,୧୫ ।୧(ସମିସ):** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍‌ସି) ର ୱେବସାଇଟ୍ ଖୋଲିଲେ ଧିମେଉଛି। ଧିମେଇ ଧିମେଇ ଖୋଲୁଥିବାରୁ ସମୟ ଅପଚୟ ହେଉଛି। ଯଦିବା ଖୋଲିଲା, ଆବେଦନ ସମୟରେ ବିଳମ୍ବ ହେଉଥିବାରୁ ସ୍ୱତଃ ଲଗ୍-ଆଉଟ୍ ହୋଇଯାଉଛି। ଫଳରେ ଆବେଦନ ପ୍ରକ୍ରିୟା ସରିବା ପୂର୍ବରୁ ପୁଣିଥରେ ମୂଳକୁ ଆସିଯାଉଛି। ବହୁବାର ପ୍ରୟାସ ପରେ ମଧ୍ୟ ସଫଳ ହେଉନଥିବାରୁ ଆବେଦନ କରୁଥିବା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୈଷୟିକ ଅସୁବିଧା କାରଣରୁ ସକାଳ ୧୧ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ବନ୍ଦ ଥିବା ୱେବସାଇଟ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ହେଲେ ଏଯାବତ୍ ୱେବସାଇଟ୍ ସ୍ୱାଭାବିକ ହୋଇନାହିଁ।

ସମ୍ପ୍ରତି ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ ସମେତ ବହୁ ପଦ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ସମସ୍ତ ପରୀକ୍ଷା ପାଇଁ ଓଏସ୍ଏସ୍ଏସ୍‌ସି ୱେବସାଇଟ୍‌ରେ ଆଶାୟୀମାନେ ଆବେଦନ କରିବେ। ଏହି ୱେବସାଇଟ୍‌ରେ ବିଭିନ୍ନ ସମୟରେ ତ୍ରୁଟି ଦେଖାଦେଉଥିବାରୁ ଆବେଦନ ପ୍ରକ୍ରିୟା ବିଳମ୍ବିତ ହେଉଛି। ଆବେଦନ ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ବହୁ ଆଶାୟୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅଭିଯୋଗ କରୁଥିଲେ ମଧ୍ୟ ଆୟୋଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ସମସ୍ତ ପଦ ପାଇଁ ମାସେ ଯାଏଁ ଆବେଦନ ଅବଧି ରହିଛି। ତନ୍ମଧ୍ୟରୁ ୧୫ଦିନ ବିତି ଯାଇଥିବା ବେଳେ ଅବଶିଷ୍ଟ ଦିନରେ ଆବେଦନ ପ୍ରକ୍ରିୟା ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାର୍ଯ୍ୟାଳୟକୁ ମଧ୍ୟ ନିତି ବହୁ ଆଶାୟୀ ଯାଇ କୌଣସି ସମାଧାନ ପାଉ ନଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏଣୁ ୱେବସାଇଟ୍ କେବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ, ସେନେଇ ଆୟୋଗ ସୂଚନା ପ୍ରଦାନ କରିବା ସହ ଆବେଦନ ଅବଧି ବୃଦ୍ଧି କରିବାକୁ ବହୁ ଆଶାୟୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦାବି କରିଛନ୍ତି।

## ଦେବଗଡ଼ରେ ପ୍ରତିଷ୍ଠା ହେବ ପମ୍ପ ଷ୍ଟୋରେଜ ପ୍ରକଳ୍ପ!

**ଭୁବନେଶ୍ୱର,୧୫ ।୧(ସମିସ):** ଆଗାମୀ ଦିନରେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ଜଳଭଣ୍ଡାରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନୂଆ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପ ସ୍ଥାପନ ହୋଇପାରେ। ମେସର୍ସ ଏନଏଚ୍‌ପିସି ଲିମିଟେଡ ଏନେଇ ଆଗ୍ରହ ପ୍ରକାଶ କରିଥିବା ବେଳେ ଉକ୍ତ କମ୍ପାନୀକୁ ପ୍ରି-ଫିଜିବିଲିଟି ସର୍ଭେ ପାଇଁ ଅନୁମତି ଦେବାକୁ ଜଳ ସମ୍ପଦ ବିଭାଗ ଆପାତତଃ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ ଯେ ରାଜ୍ୟକୁ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ନିବେଶ

- କମ୍ପାନୀକୁ ମିଳିବ ସର୍ଭେ ପାଇଁ ଅନୁମତି
- ସର୍ଭେ ପରେ ଆଗେଇବ ପ୍ରକଳ୍ପ କାର୍ଯ୍ୟ

କରିବାକୁ ନିବେଶକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି କ୍ରମରେ ମେସର୍ସ ଏନଏଚ୍‌ପିସି ଲିମିଟେଡ ରେଙ୍ଗାଲି ଜଳଭଣ୍ଡାରର ଅପ୍-ଷ୍ଟ୍ରିମ, ଜଳଭଣ୍ଡାରର ତଳମୁଣ୍ଡ ଏବଂ ଅପର ଜଳଭଣ୍ଡାରର ଗୁରାଣ୍ଡିଖୋଲ ନିକଟରେ ପମ୍ପ ଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛି। ପ୍ରକଳ୍ପ ସ୍ଥାପନ ନିମନ୍ତେ ଉକ୍ତ କମ୍ପାନୀ ପକ୍ଷରୁ ତିନି ମାସ ଧରି ପ୍ରି-ଫିଜିବିଲିଟି ସର୍ଭେ କରିବାକୁ ବିଧିବଦ୍ଧ ଭାବେ ଶକ୍ତି ବିଭାଗ ନିକଟରେ ଅନୁରୋଧ କରାଯାଇଥିଲା। ଶକ୍ତି ବିଭାଗ ଏନେଇ ଜଳସମ୍ପଦ ବିଭାଗ ସହ ଯୋଗାଯୋଗ କରିବା ପରେ ପ୍ରକ୍ରିୟା ଆଗକୁ ବଢ଼ିଥିଲା। ବିଭାଗୀୟ ଅନୁସଚିବ ଏନେଇ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଏହି ପ୍ରସ୍ତାବର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କହିଥିଲେ। ଏହାପରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ପ୍ଲାନିଂ ଆଣ୍ଡ ଡିଜାଇନ) ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏନଏଚ୍‌ପିସିକୁ ଏନେଇ ଅନୁମତି ପ୍ରଦାନ କରିବାକୁ ସୁପାରିଶ କରିଛନ୍ତି। ସୂଚନା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଭାବେ ଉକ୍ତ କମ୍ପାନୀକୁ ସର୍ଭେ କରିବାକୁ ଅନୁମତି ପ୍ରଦାନ କରାଯିବ। ସର୍ଭେ ପରେ ଯଦି କମ୍ପାନୀ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୁଏ, ତାହେଲେ ଏହା ସବୁଜ ଶକ୍ତି କ୍ଷେତ୍ରରେ ଆଉ ଏକ ସଫଳତା ହେବ ବୋଲି କୁହାଯାଉଛି।

# ସରକାରୀ ବିଦ୍ୟାଳୟ ପ୍ରତି ଆକର୍ଷଣ ବଢ଼ାଇଛି ରୂପାନ୍ତରଣ

**ଭୁବନେଶ୍ୱର,୧୫ ।୧(ସମିସ):** ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କ ମନରେ ବଢୁଛି ଆକର୍ଷଣ। '୫-ଟି' ସ୍କୁଲ ରୂପାନ୍ତରଣ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସରକାରୀ ବିଦ୍ୟାଳୟମୁହାଁ କରିଛି। ଅନ୍ୟପକ୍ଷରେ ଅଭିଭାବକ ମୁହଁ ଫେରାଉଥିବାରୁ ରାଜ୍ୟରେ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଛି। ରାଜ୍ୟର ଘରୋଇ ବିଦ୍ୟାଳୟରେ ଗୋଟିଏ ବର୍ଷରେ ପ୍ରାୟ ୨.୭ଲକ୍ଷ ଛାତ୍ରଛାତ୍ରୀ କମିଛନ୍ତି। ସେହି ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ବର୍ଷରେ ସରକାରୀ ବିଦ୍ୟାଳୟରେ ପ୍ରାୟ ୪୨ ହଜାର ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି।

କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୦-୨୧ ଶିକ୍ଷାବର୍ଷରେ ଘରୋଇ ବିଦ୍ୟାଳୟରେ ୧୬, ୨୭, ୪୪୦ ଛାତ୍ରଛାତ୍ରୀ ନାମ ଲେଖାଇଥିବାବେଳେ ୨୦୨୧-୨୨ ଶିକ୍ଷାବର୍ଷରେ ଏହି ସଂଖ୍ୟା ୧୩, ୬୧, ୦୫୧କୁ ହ୍ରାସ ପାଇଛି। ଅର୍ଥାତ୍ ପୂର୍ବବର୍ଷଠାରୁ ଏହି ବର୍ଷ ଘରୋଇ ବିଦ୍ୟାଳୟରେ ୨, ୬୬, ୩୯୩ କମ୍ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଅନ୍ୟପକ୍ଷରେ

- ଘରୋଇ ସ୍କୁଲରେ ବର୍ଷକରେ କମିଛନ୍ତି ୨.୭ ଲକ୍ଷ ଛାତ୍ରଛାତ୍ରୀ
- ସରକାରୀ ସ୍କୁଲରେ ଚଳିତ ବର୍ଷ ୪୨ ହଜାର ଅଧିକ ନାମଲେଖା

ଘରୋଇ ବିଦ୍ୟାଳୟରେ ନାମଲେଖା ହ୍ରାସ ପାଉଥିବାବେଳେ ସରକାରୀ ବିଦ୍ୟାଳୟରେ ନାମଲେଖା ବୃଦ୍ଧି ପାଉଛି। ୨୦୨୦-୨୧ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟରେ ୫୨, ୧୩, ୩୫୦ ଜଣ ଛାତ୍ରଛାତ୍ରୀ ନାମଲେଖାଇଥିଲେ। ସେହିପରି ୨୦୨୧-୨୨ ଶିକ୍ଷାବର୍ଷରେ ଏହି ସଂଖ୍ୟା ୪୧, ୮୪୮ବୃଦ୍ଧି ପାଇ ୫୨, ୫୫, ୧୯୮ରେ ପହଞ୍ଚିଛି।

ସରକାରୀ ସ୍କୁଲର ରୂପାନ୍ତରଣ ଯୋଗୁଁ ଅଭିଭାବକମାନେ ଘରୋଇ ସ୍କୁଲରୁ ମୁହଁ ଫେରାଉଥିବା କୁହାଯାଉଛି। ଶିକ୍ଷାର ମାନବୃଦ୍ଧି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମୁଦାୟ ୮୦୯୯ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୩ଟି ପର୍ଯ୍ୟାୟରେ ୬୮୮୦ଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୩୮୯ ଟି ବିଦ୍ୟାଳୟର ରୂପାନ୍ତରଣ ସରିଛି। ଅବଶିଷ୍ଟ ବିଦ୍ୟାଳୟଗୁଡିକର ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି। ବିଦ୍ୟାଳୟର ମୌଳିକ ଆବଶ୍ୟକତା ଓ ଶୈକ୍ଷିକ ବାତାବରଣ ବୃଦ୍ଧି କରିବା ପାଇଁ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ଉନ୍ନତମାନର ବିଜ୍ଞାନାଗାର, ପାନୀୟ ଜଳ ବ୍ୟବସ୍ଥା, ଶୌଚଳୟ, ଖେଳ ପଡ଼ିଆର ଉନ୍ନତିକରଣ ଓ ଶୈକ୍ଷିକ ସମୃଦ୍ଧି ଭଳି ବ୍ୟବସ୍ଥାର ଉନ୍ନତିକରଣ କରାଯାଉଛି। ଏହାସହ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ମାଗଣା ପୋଷାକ, ପାଠ୍ୟପୁସ୍ତକ, ସାଇକେଲ, ମଧ୍ୟାହ୍ନ ଭୋଜନ ସହିତ ଛାତ୍ରୀମାନଙ୍କ ପାଇଁ ଫି' ଛାଡ କରାଯାଉଛି। ବିଭିନ୍ନ ଛାତ୍ରବୃତ୍ତି ସହିତ ଯୁକ୍ତ ଦୁଇରେ ଲାପଟପ୍ ଦିଆଯାଉଛି। ସରକାରଙ୍କ ଏକାଧିକ ପଦକ୍ଷେପ ଅଭିଭାବକଙ୍କୁ ସରକରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ସହ ନାମଲେଖା ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ସରକାରୀ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷାରେ ୧୫% ସଂରକ୍ଷଣ ଛାତ୍ରଛାତ୍ରୀଙ୍କୁ ବିଶେଷ ଆକୃଷ୍ଟ କରୁଛି।

ଅପରପକ୍ଷରେ ଘରୋଇ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଫି ବୃଦ୍ଧି କରୁଥିବା ଅଭିଭାବକ ସଂଘ ବହୁବାର ଅଭିଯୋଗ କରୁଛି। ଏପରିକି ଏହାକୁ ନେଇ ଅଦାଲତର ଦ୍ୱାରସ୍ଥ ହେଉଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଅଲଗା ଭାବେ ଫି' ଆଦାୟ କରାଯାଉଛି। ନାମଲେଖା ଫି' ଉପରେ ପୁଣି ଅତିରିକ୍ତ ଫି' ଅଭିଭାବକଙ୍କ ପାଇଁ ବେଡ଼ି ଉପରେ କରୋଡ଼ା ସଦୃଶ ହେଉଛି। ଫଳରେ ଅଭିଭାବକମାନେ ଘରୋଇ ବିଦ୍ୟାଳୟରୁ ମୁହଁ ଫେରାଇ ନେଉଛନ୍ତି।

## ପାରିବାରିକ କଳହରୁ ଡିପ୍‌ଫେକ୍ ଭିଡିଓ ଭାଇରାଲ୍

**ଭୁବନେଶ୍ୱର,୧୫ ।୧(ସମିସ):** ପାରିବାରିକ କଳହକୁ କେନ୍ଦ୍ରକରି ସାମାଜିକ ଗଣମାଧ୍ୟମରେ ପରିବାର ଲୋକଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ପରିବାରର ୫ ଜଣଙ୍କ ଭିଡିଓ ଭାଇରାଲ କରିବାକୁ ନେଇ ପୁଲିସ ଗୁରୁତର ସହ ନେଇଛି। ପରିବାରର ନାବାଳିକା ଠାରୁ ଆରମ୍ଭ କରି ୯୦ ବର୍ଷର ବୃଦ୍ଧାଙ୍କ ଭିଡିଓ ଭାଇରାଲ୍ କରାଯାଇଛି। ପର୍ଣ୍ଣ ଷ୍ଟାରଙ୍କ ଦେହ ସହ ମୁହଁ ଏଡିଟ୍ କରି ଏଭଳି ଡିପ୍‌ଫେକ୍ ଭିଡ଼ିଓ କରାଯାଇଛି।

ଅଭିଯୋଗ ଅନୁସାରେ, ଗତ ନଭେମ୍ବରରେ ବିବାହ ଉତ୍ସବ ହୋଇଥିଲା। ଏଥିରେ ସମସ୍ତ ବନ୍ଧୁବର୍ଗ ଯୋଗ ଦେଇଥିଲେ। ବିବାହର ୧୫ ଦିନ ପରେ ଘରଜ୍ୱାଇଁ ରହିବା ପାଇଁ ସ୍ୱାମୀକୁ ନବବଧୂ କହିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ହୋଇଥିଲା। ପରିବାର ଲୋକ ବୋହୂକୁ ବୁଝାସୁଝା କରିଥିଲେ। ଏପରିକି ସ୍ୱାମୀର ବିବାହିତ ଭଉଣୀ ପହଞ୍ଚି ମଧ୍ୟ ସାନ ଭାଉଜକୁ ବୁଝାଇ ଥିଲେ। ହେଲେ ବୋହୂ ଜିଦ୍‌ରେ ଅଟଳ ରହିଥିଲା। ପରେ ଶାଶୂ ଘର ଲୋକ ଓ ତାଙ୍କ ବନ୍ଧୁମାନଙ୍କ ଡିପ୍‌ଫେକ୍ ଭିଡ଼ିଓକୁ ବୋହୂ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରି ଦେଇଥିଲେ।




## ଆଇଏମ୍‌ଡିର ୧୫୦ ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୫ ।୧(ସମିସ):** ଆଇଏମ୍‌ଡି ନିଜର ୧୫୦ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପାଣିପାଗ ବିଜ୍ଞାନୀମାନଙ୍କ ସହ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଆଇଏମଡିର ଗୁରୁତ୍ୱ ସମ୍ପର୍କରେ ମତାମତ ରଖିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିବା ବେଳେ ୧୫୦ବର୍ଷ ଧରି ଆଇଏମଡି ଦ୍ୱାରା କିପରି ଲୋକଙ୍କ ହିତ ସାଧନ ହୋଇପାରିଛି, ସେନେଇ




ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ରକ୍ଷା କରିବାରେ ଆଇଏମ୍‌ଡିର ବଡ଼ ଭୂମିକା ଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ।

କାର୍ଯକ୍ରମରେ ଯୋଗଦେଇ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି ଯେ ୧୮୭୫ ମସିହାରୁ ଭାରତୀୟ ପାଣିପାଗ ବିଭାଗ ୧୫୦ବର୍ଷ ଧରି ଲୋକଙ୍କ ସେବା କରୁଛି। ପାଣିପାଗ ବିଭାଗ ସହ ଆମେ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ପ୍ରତ୍ୟେକ ୩୦ ମିନିଟ୍‌ରେ ଥରେ ଆମେ ପାଣିପାଗ ବିଭାଗଠାରୁ ସ୍ୱତନ୍ତ୍ର ପାଣିପାଗ ବିବରଣୀ ପାଇଥାଉ। ଯାହାକି ବିମାନ ଚଳାଚଳ ପଥକୁ ସୁଗମ କରିଥାଏ। ଆକାଶରେ ମେଘ ଓ ବାଦଲର ଉପସ୍ଥିତିଠାରୁ ଆରମ୍ଭ କରି ପବନର ଦିଗ; ଏ ସବୁ ସମ୍ବନ୍ଧରେ ଆମେ ପାଣିପାଗ ବିଭାଗଠାରୁ ଖବର ପାଇଥାଉ। ଯାହାକି ଆମ କାର୍ଯ୍ୟକୁ ସରଳ କରିଥାଏ। ଅନ୍ୟପଟେ ଗାଁ ଗାଁ ଓ ଘରେଘରେ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପହଞ୍ଚାଇବା ଉଦ୍ଦେଶ୍ୟରେ ଏକ ମୌସମ ସେବା ଆପ୍‌କୁ ଲୋକାର୍ପିତ କରାଯାଇଛି। ଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଏହି ଆପ୍ ଲଞ୍ଚ କରିଥିଲେ।




## ଡିଜିଟାଲ ରିଭଲ୍ୟୁସନ୍ ଆଳରେ ଦେଢ଼କୋଟି ଠକେଇ

**ଭୁବନେଶ୍ୱର,୧୫ ।୧(ସମିସ):** ଡିଜିଟାଲ ରିଭଲ୍ୟୁସନ୍ ଆଳରେ ଠକେଇ କରିବା ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରିନ୍ସ କୁମାର ଏବଂ ସହଯୋଗୀ ନାମରେ ଚାର୍ଜସିଟ୍ ଦାଖଲ କରିଛି। ୨ ଶହରୁ ଉର୍ଦ୍ଧ୍ୱ ପୃଷ୍ଠାର ଚାର୍ଜସିଟ୍ ଇଓଡବ୍ଲ୍ୟୁ କଟକ ଓପିଆଇଡି କୋର୍ଟରେ ଦାଖଲ କରିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ଭାବେ ପ୍ରିନ୍ସକୁ ଦର୍ଶାଯାଇଛି। ସେ ଠକେଇ ପାଇଁ ମୁଖ୍ୟ ସୂତ୍ରଧର ଥିବା ନେଇ ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଥିଲେ। ଏହି ମାମଲାର ଶୁଣାଣି ଏବେ କୋର୍ଟରେ ଆରମ୍ଭ ହେବ। ପ୍ରିନ୍ସ ବିରୋଧରେ ସମସ୍ତ ପ୍ରମାଣ ଥିବାରୁ ତାଙ୍କୁ ସଜା ହେବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରିନ୍ସର ଘର ବିହାର ମୁଜାଫରପୁର ହୋଇଥିବା ବେଳେ ତାଙ୍କୁ ଇଓଡବ୍ଲ୍ୟୁ ଅଧିକାରୀ ଉତ୍ତରପ୍ରଦେଶ, ବୃନ୍ଦାବନରୁ ଗିରଫ କରିଥିଲା।

ସୂଚନାନୁସାରେ, ପ୍ରିନ୍ସ ଏକ ଭିନ୍ନ ତରିକାରେ ଲୋକଙ୍କୁ ଠକେଇ କରିଥିଲେ। ସେ ଲୋକଙ୍କୁ ଦେଶୀ ଆପ୍ ବ୍ୟବହାର କରି ଟଙ୍କା ରୋଜଗାର କରିବା ପାଇଁ ଲୋଭ ଦେଖାଇଥିଲା। ବେନାମୀ ଆପ୍ ଜରିଆରେ ହେଉଥିଲା କୋଟି କୋଟି ଟଙ୍କାର କାରବାର। ଓଡ଼ିଶାର ୧୦୦

- ମାଷ୍ଟରମାଇଣ୍ଡ ଏବଂ ସହଯୋଗୀ ନାମରେ ଚାର୍ଜସିଟ୍ ଦାଖଲ
- ଠକେଇର ମୁଖ୍ୟ ସୂତ୍ରଧର ଥିଲେ ପ୍ରିନ୍ସ
- ଦେଶୀ ଆପ୍ ବ୍ୟବହାର କରି ରୋଜଗାର କରିବାକୁ ଲୋଭ ଦେଖାଇଥିଲେ

ଜଣ ଜମାକାରୀଙ୍କଠାରୁ ଦେଢ଼ କୋଟି ଟଙ୍କା ଠକି ନେଇଥିବା ତଦନ୍ତରୁ ଜଣାପଡ଼ିଥିଲା। ବିଶେଷକରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଏକାଧିକ ବ୍ୟକ୍ତିଙ୍କ ଏହି ସଂସ୍ଥା ଠକିଛି। ୨୦୨୧ ପ୍ରିନ୍ସ ଓଡ଼ିଶା ଆସି ଜାନୁଆରୀ ୨୦ରେ ବାଲେଶ୍ୱରରେ ମିଟିଂ କରି ସଂସ୍ଥା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ସେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିଲେ। ସେଥିରେ ଜଣଙ୍କ ପରେ ଜଣଙ୍କୁ ଯୋଡ଼ିଥିଲେ। ବିଦେଶୀ ଆପ୍‌ଗୁଡ଼ିକୁ ବ୍ୟବହାର ନ କରି ଦେଶୀ ପ୍ଲାଟଫର୍ମ ବ୍ୟବହାର କରିବାକୁ ପ୍ରବର୍ତ୍ତାଉଥିଲେ। ଫଳରେ ସରକାର ଟ୍ୟାକ୍ସ ପାଇବା ସହ ତୁମେମାନେ ଅର୍ଥ ରୋଜଗାର କରିପାରିବ ବୋଲି ପ୍ରିନ୍ସ ଲୋକଙ୍କୁ ବୁଝାଇଥିଲେ। ଏଥିଲାଗି ସେ ମାଇଁ ପ୍ଲେ, ଭିଟ୍ସକପ୍, ମାଇଁ ଟ୍ୟୁବ୍ ଭଳି ୬ଟି ଆପ୍ ତିଆରି କରି ବ୍ୟବହାର କରିବାକୁ ଲୋକଙ୍କୁ ଭୁତାଇଥିଲା। ପ୍ରଥମେ ନିଜର ନାମ ଏବଂ ଅନ୍ୟ ତଥ୍ୟ ଦେଇ ପଞ୍ଜୀକରଣ କରିବାକୁ କହୁଥିଲେ। ଏଥିପାଇଁ ପ୍ରଥମେ ୧୫ହଜାର ଟଙ୍କା ଦେବାକୁ ପଡୁଥିଲା। ମାସକୁ ୨୬ଶହ ଟଙ୍କା ଘରେ ବସି ରୋଜଗାର କରବାକୁ ପ୍ରଲୋଭନ ଦେଖାଇଥିଲା। ଆପ୍‌ର ପ୍ରଚାର କରିବା ପାଇଁ ଏହି ଅର୍ଥ ଦିଆଯିବ ବୋଲି ପ୍ରିନ୍ସ ଲୋକଙ୍କୁ ବୁଝାଉଥିଲା। ଲୋକଙ୍କୁ ପଡ଼ି ୧୦୦ରୁ ଉର୍ଦ୍ଧ୍ୱ ଲୋକ ଟଙ୍କା ଦେଇ ପଞ୍ଜୀକରଣ କରିଥିଲେ। ଦୁଇ ମାସ ପର୍ଯ୍ୟନ୍ତ ପ୍ରିନ୍ସ ଲୋକଙ୍କୁ ୨୬ଶହ ଟଙ୍କା ଦେଉଥିଲା। ହଠାତ୍ ସେ ସବୁ ହ୍ୱାଟ୍ସଆପ୍ ଗ୍ରୁପ୍‌ରୁ ବାହାରି ଯିବା ସହ ଆପ୍ ସବୁ ବନ୍ଦ କରି ଦେଇଥିଲା। ଲୋକେ ପ୍ରିନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ତା'ର ପତ୍ତା ପାଇନଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ୧୫ଜଣ ଏନେଇ ୨୦୨୧ ମସିହା ମେ' ମାସରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅଗଷ୍ଟ ମାସରେ ଇଓଡବ୍ଲ୍ୟୁକୁ ମାମଲା ରୁଜୁ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସକାଳ THE SAKALA



# ଶ୍ରୀମାର୍ଗ ବୁଲି ଦେଖିଲେ '୫-ଟି' ଅଧ୍ୟକ୍ଷ

**ପୁରୀ,୧୫।୧(ସମିସ):** ନବନିର୍ମିତ ଶ୍ରୀମାର୍ଗ ଓ ଶ୍ରୀସେତୁରେ ଗଡ଼ିବ ଗାଡ଼ି। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି ଏହି ଦୁଇ ବୃହତ୍ ପ୍ରକଳ୍ପ। ଆସନ୍ତା ବୁଧବାର ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ବ୍ରିଜ୍ ଏବଂ ଶ୍ରୀମନ୍ଦିରରେ ପହଞ୍ଚିବା ପାଇଁ ସୁଗମ ରାସ୍ତା ଶ୍ରୀମାର୍ଗ ଦେଇ ଭକ୍ତ ଯାତାୟାତ କରିବେ। ତେବେ ଏହାର ଅବ୍ୟବହିତ ପୂର୍ବରୁ ସୋମବାର ରାତିରେ ଶ୍ରୀମାର୍ଗ ବୁଲି ଦେଖିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏଥିସହ ଶ୍ରୀସେତୁ, ଜଗନ୍ନାଥବଲ୍ଲଭ ପିଲୀଗ୍ରୀମ ସେଣ୍ଟର (ଜେବିପିସି) ଏବଂ ଜଗନ୍ନାଥ ବଲ୍ଲଭ ପରିସରରେ ହେବାକୁ ଥିବା ପ୍ରଦର୍ଶନୀ କକ୍ଷ ବୁଲି ଦେଖିଛନ୍ତି। ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବ୍ୟବହିତ ପୂର୍ବରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଠକରେ ଯୋଗଦେଇଥିଲେ '୫-ଟି' ଅଧ୍ୟକ୍ଷ। ଏହାପରେ ଜେବିପିସିରେ ପହଞ୍ଚି ସେହିଠାରୁ ପ୍ରଥମେ ଶ୍ରୀମାର୍ଗରେ ଚାଲି ଚାଲି ଯାଇଥିଲେ। ଏହି ରାସ୍ତା ପାଇଁ ଜମି ଦାନ କରିଥିବା ଲୋକଙ୍କ ସହ କଥା ହୋଇଥିଲେ। '୫-ଟି' ଅଧ୍ୟକ୍ଷଙ୍କ ସହ ଫଟୋ ନେଇଥିଲେ ସ୍ଥାନୀୟ ବାସିନ୍ଦା। ଏହି ରାସ୍ତା ଦେଇ ଦୋଳବେଦୀରେ ପହଞ୍ଚିଥିଲେ। ସେଠାରେ ଭକ୍ତଙ୍କ ସୁବିଧା ପାଇଁ ନିର୍ମିତ ଅଭ୍ୟର୍ଥନା କେନ୍ଦ୍ର ବୁଲି ଦେଖିବା ସହ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପ୍ରସ୍ତୁତିର ମଧ୍ୟ ଅନୁଧ୍ୟାନ କରିଥିଲେ। ପୁନଶ୍ଚ ଶ୍ରୀମାର୍ଗ ଦେଇ ଜେବିପିସିରେ ପହଞ୍ଚିଥିଲେ।

- ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପାର୍କିଂ ସେଣ୍ଟର ବୁଲିଲେ
- ପରିକ୍ରମା ପ୍ରକଳ୍ପ ମଡେଲ ସହ ସେଲ୍ଫି ନେଲେ
- ପ୍ରଦର୍ଶନୀ କକ୍ଷ ବୁଲି ଖୁସିବ୍ୟକ୍ତ କଲେ

ଲୋକାର୍ପଣ ଉତ୍ସବ ପାଇଁ ଜଗନ୍ନାଥ ବଲ୍ଲଭ ପରିସରରେ ମହାପ୍ରଭୁଙ୍କ ରୀତିନୀତି, ପର୍ବପର୍ବାଣି ସମ୍ପର୍କରେ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯିବ। ଏଥିପାଇଁ ଦୁଇଟି ପ୍ରଦର୍ଶନୀ କକ୍ଷ ପ୍ରସ୍ତୁତ କରାଯାଇଛି। ଏଥିରେ ଠାକୁରଙ୍କ ୨୫ ବେଶ, ତିନିରଥ ସମେତ ଭକ୍ତ ଚରିତ ପ୍ରଦର୍ଶୀତ ହେବ। ସେହିପରି ମହାପ୍ରଭୁଙ୍କ ବସ୍ତ୍ର, ବ୍ୟବହୃତ ସାମଗ୍ରୀ ବି ଦେଖିପାରିବେ ଶ୍ରଦ୍ଧାଳୁ। ଏହି ପ୍ରଦର୍ଶନୀ କକ୍ଷ ବୁଲିବା ବେଳେ ପ୍ରସ୍ତୁତ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମଡେଲ ଦେଖିଥିଲେ। ଫାଇବରରେ ନିର୍ମିତ ଏହି ମଡେଲ ଅବିକଳ ଭାବେ ପରିକ୍ରମା ପ୍ରକଳ୍ପକୁ ଦର୍ଶାଉଥିବା ଦେଖି ଖୁସି ହେବା ସହ ନିଜେ ସେଲ୍ଫି ନେଇଥିଲେ। ସେହିପରି ପ୍ରସ୍ତୁତ ଚାଲିଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ ଏବଂ ସୁନ୍ଦର ଭାବେ ତିଆରି ହୋଇଥିବା ବୃହତ୍‌କାୟ ଶଙ୍ଖ (ଯେଉଁଥିରେ ଦାରୁବିଗ୍ରହ ଏବଂ ପରିକ୍ରମା ପ୍ରକଳ୍ପର ଚିତ୍ର ରହିଛି) ମଧ୍ୟ ଦେଖିଥିଲେ। ସବୁ ପ୍ରସ୍ତୁତିର ଅନୁଧ୍ୟାନ କରିବା ପରେ ଭୁବନେଶ୍ୱର ଫେରିଯାଇଥିଲେ '୫-ଟି' ଅଧ୍ୟକ୍ଷ।

ସାଥିରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଳ ସିଂଙ୍କ ସମେତ ଓବିସିସିର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ ଏବଂ ପରିକ୍ରମା ଲୋକାର୍ପଣ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ।











## ■ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ

# ସାକ୍ଷୀ ରହିବ ସାରା ଓଡ଼ିଶା

**ଭୁବନେଶ୍ୱର,୧୫।୧(ସମିସ):** ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବେ। ପୂରା ଓଡ଼ିଶା ଯେପରି ଏହି ମହାନ୍ କ୍ଷଣର ସାକ୍ଷୀ ରହିବ, ସେଥିପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଗାଁରୁ ସହର ପର୍ଯ୍ୟନ୍ତ ସବୁଠାରୁ ଶ୍ରଦ୍ଧାଳୁ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ। ଚଳିତ ମାସ ୨୧ ତାରିଖରୁ ଫେବ୍ରୁଆରୀ ୧୮ ତାରିଖ

- ୪ ହଜାର ବସ୍‌ରେ ପୁରୀ ଆସିବେ ୧.୮୦ ଲକ୍ଷ ଶ୍ରଦ୍ଧାଳୁ
- ଜାନୁଆରୀ ୨୧ରୁ ଫେବ୍ରୁଆରୀ ୨୦ ପର୍ଯ୍ୟନ୍ତ ଆସିବେ

ମଧ୍ୟରେ ପର୍ଯ୍ୟାୟକ୍ରମେ ଶ୍ରଦ୍ଧାଳୁଙ୍କୁ ପୁରୀ ଅଣାଯିବ। ଯୋଜନା ଅନୁସାରେ ୪୦୫୭ ବସ୍‌ରେ ସମୁଦାୟ ୧, ୮.୨୫୦ ଜଣ ଶ୍ରଦ୍ଧାଳୁଙ୍କୁ ପୁରୀ ଆସିବେ। ସହରାଞ୍ଚଳ ଓ ପୌରାଞ୍ଚଳର ଶ୍ରଦ୍ଧାଳୁଙ୍କ ଯାତ୍ରା ପାଇଁ ଭିନ୍ନ ତାରିଖ ଧାର୍ଯ୍ୟ କରାଯାଇଛି। କିଛି ଜିଲ୍ଲାର ଲୋକ ପୁରୀ ବୁଲିବା ପରେ ସେହି ଦିନ ନିଜ ଜିଲ୍ଲାକୁ ଫେରିଯିବେ। ସେହିପରି ଦୂରାନ୍ତ ଜିଲ୍ଲାର ଲୋକଙ୍କ ପାଇଁ ଦର୍ଶନ ପରେ ରାତି ରହଣି ବ୍ୟବସ୍ଥା କରାଯାଇଛି। କେଉଁ ଜିଲ୍ଲାରୁ କେଉଁ ଦିନ କେତେ ସଂଖ୍ୟକ ଶ୍ରଦ୍ଧାଳୁ କେତେ ସଂଖ୍ୟକ ବସ୍‌ରେ ଆସିବେ, କେଉଁଠି ରହିବେ, ଭୋଜନ କରିବେ ତାହାର ବିବରଣୀ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ସବୁ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଶ୍ରଦ୍ଧାଳୁଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଛନ୍ତି।

ପ୍ରଥମ ଦିନ ଅର୍ଥାତ୍ ଜାନୁଆରୀ ୨୧ ତାରିଖରେ କେନ୍ଦୁଝରରୁ ଶ୍ରଦ୍ଧାଳୁମାନେ ପୁରୀ ଆସିବେ। ଏହା ପରେ ଗଞ୍ଜାମ, ବଲାଙ୍ଗିର, ଭଦ୍ରକ, ନୟାଗଡ଼, ଅନୁଗୁଳ, ଝାରସୁଗୁଡ଼ା, କଟକ, ଢ଼େଙ୍କାନାଳ, ମୟୂରଭଞ୍ଜ ଆଦି ଜିଲ୍ଲାରୁ ପର୍ଯ୍ୟାୟକ୍ରମେ ପୁରୀରେ ପହଞ୍ଚିବେ। ରାତିରେ ଯେଉଁ ଶ୍ରଦ୍ଧାଳୁମାନେ ରହିବେ, ସେମାନଙ୍କ ପାଇଁ ଖୋର୍ଦ୍ଧା ଓ ପୁରୀରେ ରାତି ରହଣି



ବ୍ୟବସ୍ଥା କରାଯାଇଛି। ଜଟଣୀ ନିକଟସ୍ଥ କାରମେଲ୍ ସ୍କୁଲ ଓ ପୁରୀ ସିଉଳାଠାରେ ରାତି ରହଣି ବ୍ୟବସ୍ଥା କରାଯାଇଛି। ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ଯେପରି ସୁରୁଖୁରୁରେ ପୁରୀ ଆସି ନିଜ ଘରକୁ ଫେରିବେ, ସେନେଇ ଗତ ୧୨ତାରିଖରେ ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ଶ୍ରଦ୍ଧାଳୁଙ୍କ ପରିବହନ ପାଇଁ ଜିଲ୍ଲାସ୍ତରରେ ୪୦/୫୦ଟି ବସ୍ ବୁକ୍ ରହିବ। ପୂରା ପ୍ରକ୍ରିୟାର ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ କରାଯିବ। ସେହିପରି ସବୁ ବସ୍‌ରେ ଜଣେ ଲେଖାଏଁ ସରକାରୀ ଅଧିକାରୀ ଉପସ୍ଥିତ ରହିବେ। ଏଥିସହ ଜିଲ୍ଲାସ୍ତରରେ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯିବ।

## ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

# ୧୭ରେ ଜଗିବେ ୮୦ ପ୍ଲାଟୁନ ଫୋର୍ସ

**ପୁରୀ, ୧୫।୧(ସମିସ):** ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଲକ୍ଷାଧିକ ଶ୍ରଦ୍ଧାଳୁ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ଏବଂ ପରିକ୍ରମା ପ୍ରକଳ୍ପ ବୁଲିବା ପାଇଁ ଆସିବେ। ଏହାକୁ ନଜରରେ ରଖି ପୁରୀ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରିଛି ପୁଲିସ। ଅର୍ଥାତ୍ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପୁରୀ ସମ୍ପୂର୍ଣ୍ଣ ସୁରକ୍ଷା ଚାଦର ତଳେ ରହିଥିବା ବେଳେ ସୋମବାର ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ପୁରୀ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲିବା ସହ ୧୭ ତାରିଖ ପାଇଁ ପୁଲିସ ପକ୍ଷରୁ ହୋଇଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

- ■ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି
- ■ ୧୭ରେ ଜଗିବେ ୮୦ ପ୍ଲାଟୁନ ଫୋର୍ସ
- ■ ଶ୍ରୀମାର୍ଗ, ଜଗନ୍ନାଥବଲ୍ଲଭ ପାର୍କିଂ ସେଣ୍ଟର, ଅସ୍ଥାୟୀ ହେଲିପ୍ୟାଡ୍ ବୁଲି ଦେଖିଲେ

ପ୍ରଥମେ ଡିଜିପି ଅସ୍ଥାୟୀ ହେଲିପ୍ୟାଡ୍, ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର୍ (ଜେବିପିସି) ଏବଂ ଶ୍ରୀମାର୍ଗ ରାସ୍ତା ବୁଲିଥିଲେ। ଯେହେତୁ ୧୭ ତାରିଖରେ ଏହିସବୁ ସ୍ଥାନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଓ ଅତିଥି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଆସିବେ, ତେଣୁ ସବୁ ଜାଗାରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଏହାପରେ ଶ୍ରୀମନ୍ଦିର ନିକଟରେ ପହଞ୍ଚି ଯଜ୍ଞ ସ୍ଥଳ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମୁଖ୍ୟମନ୍ତ୍ରୀଙ୍କ ବସିବା ସ୍ଥାନ, ସମ୍ବର୍ଦ୍ଧନା ସ୍ଥଳ, ଫଳକ ଉନ୍ମୋଚନ ଆଦି ସବୁ ସ୍ଥାନ ବୁଲିଥିଲେ। ଏହି ସବୁ ଜାଗାରେ ସୁରକ୍ଷା ପାଇଁ କଣ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେ ବିଷୟରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଏବଂ ପୁରୀ ଏସ୍‌ପି ଡ. କନୱର ବିଶାଳ ସିଂ ବୁଝାଇ କହିଥିଲେ।



ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ପୁରୀ ସହରକୁ ସିକ୍ୟୁରିଟି ବ୍ଲାଙ୍କେଟରେ ରଖାଯାଇଛି। ୧୭ ତାରିଖରେ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ। ଟ୍ରାଫିକ ସୁପରିଚାଳନା, ବିଶିଷ୍ଟ ବ୍ୟକ୍ତି ଓ ଅତିଥିଙ୍କ ସମେତ ଭକ୍ତଙ୍କ ସୁରକ୍ଷା ଓ ଦର୍ଶନ ପାଇଁ ଆନୁଷଙ୍ଗିକ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ୧୦୦ ଜଣ ସୁପରଭାଇଜିଂ ଅଧିକାରୀ, ୨୫୦ ଏସ୍‌ଆଇ ଓ ଏଏସ୍‌ଆଇ ଓ ୮୦ ପ୍ଲାଟୁନ ପୁଲିସ ଫୋର୍ସ ଓ ହୋମଗାର୍ଡ ମୁତୟନ ରହିବେ। ୪ଟି ବୋମା ନିଷ୍କ୍ରିୟକାରୀ ଦଳ ଓ ୩ଟି କେ୯ ଟିମ୍ ମୁତୟନ ରହିବେ। ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ଆଣ୍ଟି-ସାବୋଟେଜ୍ ଟିମ୍ ମୁତୟନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନ କୌଶଳକୁ ଯୋଡାଯାଇଛି। ସିଂହଦ୍ୱାର ଥାନା ନିକଟରେ ପୁଲିସ କଣ୍ଟ୍ରୋଲ ରୁମ୍ କରାଯାଇଛି। ବଡ଼ଦାଣ୍ଡ, ଶ୍ରୀମନ୍ଦିର ଭିତର ଓ ବାହାର, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ଯଜ୍ଞ ମଣ୍ଡପ, ମୁଖ୍ୟମନ୍ତ୍ରୀ ବସିବା ସ୍ଥାନ, ଶ୍ରୀମାର୍ଗ, ଶ୍ରୀ ସେତୁ, ଶ୍ରୀଜଗନ୍ନାଥ ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, ଉତ୍ତର ପାର୍ଶ୍ୱ ମଠ ନିକଟରେ ଅତିଥିଙ୍କ ବସିବା ପାଇଁ ହୋଇଥିବା ସ୍ଥାନ ସିସିଟିଭି କ୍ୟାମେରା ଦ୍ୱାରା ନିୟନ୍ତ୍ରଣ କରାଯାଉଛି ବୋଲି କହିଛନ୍ତି। ଏହି ଅବସରରେ ଅତିରିକ୍ତ ଡିଜି ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଡିଜିପିଙ୍କ ସହ ସାମିଲ ରହି ସୁରକ୍ଷା ବ୍ୟବସ୍ଥାର ଟିକିନିଖି ସମୀକ୍ଷା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୯ ● ପାଉଣ୍ଡ ୧୦୫.୧୫
- ୟୁରୋ ୯୦.୨୯ ● ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୧୫୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୩୨୭.୦୦
- ନିଫ୍ଟି ୨୨,୦୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ବିଶ୍ୱବ୍ୟାପୀ ୪୦% ଚାକିରି ଖାଇଯିବ ଏଆଇ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି)**

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଦୈନିକ କିଛି ନା କିଛି ବଡ଼ ଖବର ସାମ୍ନାକୁ ଆସୁଛି। ମନୁଷ୍ୟ କାମକୁ ସହଜ କରିବା ଲକ୍ଷ୍ୟ ନେଇ ଏଆଇର ସୃଷ୍ଟି। ପୁଣି ଏବେ କୁହାଯାଉଛି ଯେ, ଏଆଇ ବିଶ୍ୱବ୍ୟାପୀ ୪୦% ଚାକିରି ଖାଇଯିବ। ଖୋଦ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଆଭା ଏହା କହିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସମଗ୍ର ବିଶ୍ୱରେ ଚାକିରି ସୁରକ୍ଷା ପାଇଁ ବିପଜ୍ଜନକ ପ୍ରମାଣିତ ହେବ। ବିକଶିତ ଦେଶଗୁଡ଼ିକରେ ୬୦ ପ୍ରତିଶତ ଚାକିରୀ ଏଆଇ ହେତୁ ବିପଦରେ ପଡ଼ିବ ବୋଲି ଆଜି ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଆରମ୍ଭ ହୋଇଥିବା ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବାର୍ଷିକ ବୈଠକରେ ଯୋଗଦେବା ପୂର୍ବରୁ ଜର୍ଜିଆଭା ଏହା କହିଛନ୍ତି।

ଆଇଏମ୍ଏଫ୍‌ର ଏକ ନୂତନ ରିପୋର୍ଟକୁ ଦର୍ଶାଇ ଜର୍ଜିଆଭା କହିଛନ୍ତି ଯେ ବିକାଶଶୀଳ ଦେଶମାନଙ୍କରେ ଏଆଇର ପ୍ରଭାବ କମ୍ ହୋଇପାରେ, କିନ୍ତୁ ବିଶ୍ୱରେ ପ୍ରାୟ ୪୦% ଚାକିରି ଏଆଇ ଦ୍ୱାରା ପ୍ରଭାବିତ ହୋଇପାରେ। ଏଥିସହିତ ସେ ୨୦୨୪କୁ ନେଇ ସେ ବିଶ୍ୱକୁ ଚେତାବନୀ ଦେଇଛି। ୨୦୨୪ ବିଶ୍ୱ ଅର୍ଥନୀତି ପାଇଁ ଏକ କଷ୍ଟକର ବର୍ଷ ହୋଇପାରେ। କରୋନା ଅବଧି ସମୟରେ ନିଆଯାଇଥିବା ଋଣ ଜାଲରୁ ଦୁନିଆ ଏ ପର୍ଯ୍ୟନ୍ତ ମୁକୁଳି ପାରିନାହିଁ। ଚଳିତ ବର୍ଷ ବିଶ୍ୱର ୬୦ରୁ ଅଧିକ ଦେଶରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଏଭଳି ପରିସ୍ଥିତିରେ ସରକାର ଲୋକଙ୍କୁ ମନାଇବା ପାଇଁ ଟଙ୍କା ଖର୍ଚ୍ଚ କରିବେ, ଏହାଦ୍ୱାରା ଦେଶର ଉପରେ ଋଣ ଭାର ଆହୁରି ବୃଦ୍ଧି ପାଇବ। ତଥାପି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉତ୍ପାଦନ ବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବ। ଆଇଏମ୍ଏଫ୍ ମୁଖ୍ୟ କହିଛନ୍ତି, ବର୍ତ୍ତମାନ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକୁ ଶୀଘ୍ର ଆଗକୁ ବଢ଼ିବାରେ ସାହାଯ୍ୟ କରିବା ଉପରେ ଆମେ ବିଶେଷ ଧ୍ୟାନ ଦେବା ଉଚିତ୍, ଯାହା ଦ୍ୱାରା ସେମାନେ ଏଆଇ ଆସିବାଦ୍ୱାରା ସୃଷ୍ଟି ହୋଇଥିବା ସୁଯୋଗର ଲାଭ ଉଠାଇପାରିବେ।

**୨୦୨୪ ଦୁନିଆ ପାଇଁ ବେଶ ଆହ୍ୱାନପୂର୍ଣ୍ଣ : ଆଇଏମ୍ଏଫ୍**

**ବିକଶିତ ରାଷ୍ଟ୍ରର ୬୦% ଚାକିରୀ ବିପଦରେ**





ଆଇଏମ୍ଏଫ୍ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱ ବ୍ୟାପୀ ଅଧା ଚାକିରୀ ଏଆଇ ଦ୍ୱାରା ପ୍ରଭାବିତ ହେବ। ଚାକିରିର ଅବଶିଷ୍ଟ ଅଧା ଉପରେ ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ମିଳେ | ରିପୋର୍ଟ ଅନୁଯାୟୀ, ଯେଉଁ ଦେଶରେ ଉଚ୍ଚ କୁଶଳୀ ଚାକିରିର ଚାହିଦା ରହିଛି ସେଠାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବିପଦ ସର୍ବାଧିକ ହେବ। ଆଇଏମ୍ଏଫ୍ ମୁଖ୍ୟ ଜର୍ଜିଆଭା କହିଛନ୍ତି, ଗୋଟିଏ ପଟେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଆଗମନ ସହିତ ଆପଣଙ୍କ ଚାକିରି ସମ୍ପୂର୍ଣ୍ଣ ରୂପେ ଚାଲିଯାଇପାରେ। ଅନ୍ୟ ପଟେ, ଚାକିରି ସଂଖ୍ୟା ବଢ଼ିପାରେ। ଯଦି ଚାକିରିର ସୁଯୋଗ ବୃଦ୍ଧି ହୁଏ, ତେବେ ଆପଣଙ୍କର ଉତ୍ପାଦକତା ମଧ୍ୟ ବୃଦ୍ଧି ପାଇବ। ଏହାଦ୍ୱାରା ଆୟ ଏବଂ ଜୀବନଧାରଣ ମାନ ମଧ୍ୟ ବୃଦ୍ଧି ପାଇବ। ଏହା ଦେଶର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଇବ।

### ନିତି ଆୟୋଗ ରିପୋର୍ଟ

## ୯ ବର୍ଷରେ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିଛନ୍ତି ୨୪.୮୨ କୋଟି ଭାରତୀୟ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଗତ ୯ ବର୍ଷରେ ୨୪ କୋଟି ୮୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। '୨୦୦୫-୦୬ରୁ ଭାରତରେ ବହୁମୁଖୀ ଦାରିଦ୍ର୍ୟ 'ଶୀର୍ଷକ ନିତି ଆୟୋଗର ଏକ ଆଲୋଚନାପତ୍ରରୁ ଏହା ଜଣାପଡ଼ିଛି। ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଦାରିଦ୍ର୍ୟର ସମସ୍ତ ଦିଗକୁ ଦୂର କରିବା ପାଇଁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଏହି ଉଲ୍ଲେଖନୀୟ ସଫଳତାର ଶ୍ରେୟ ଦିଆଯାଇଛି। ନୀତି ଆୟୋଗର ସିଇଓ ବି.ଭି.ଆର ସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ଆଜି ନିତି ଆୟୋଗର ସଦସ୍ୟ ପ୍ରଫେସର ରମେଶ ଚାନ୍ଦ ଏହି ଆଲୋଚନା ପତ୍ର ଉନ୍ମୋଚନ କରିଥିଲେ। ଅକ୍ସଫୋର୍ଡ ପଲିସି ଆଣ୍ଡ ହ୍ୟୁମାନ ଡେଭଲପମେଣ୍ଟ ଇନିସିଏଟିଭ୍ (ଓପିଏଚ୍ଆଇ) ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ଏହି ଦସ୍ତାବିଜ ପାଇଁ ବୈଷୟିକ ତଥ୍ୟ ପ୍ରଦାନ କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଭାରତରେ ବହୁମୁଖୀ ଦାରିଦ୍ର୍ୟ ୨୦୧୩-୧୪ରେ ୨୯.୧୭% ଥିବାବେଳେ ୨୦୨୨-୨୩ରେ ଏହା ୧୧.୨୮% କୁ ହ୍ରାସ ପାଇଛି ଅର୍ଥାତ୍ ୧୭.୮୯ ପ୍ରତିଶତ ପଏଣ୍ଟ ହ୍ରାସ ପାଇଛି। ଉତ୍ତରପ୍ରଦେଶରେ ଗତ ୯ ବର୍ଷ ମଧ୍ୟରେ ୫.୯୪ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତି ପାଇଥିବା ବେଳେ ବିହାରରେ ୩.୭୭ କୋଟି, ମଧ୍ୟପ୍ରଦେଶରେ ୨.୩୦ କୋଟି ଏବଂ ରାଜସ୍ଥାନରେ ୧.୮୭ କୋଟି ଲୋକ ରହିଛନ୍ତି। ୨୦୦୫-୦୬ରୁ ୨୦୧୫-୧୬ (ବାର୍ଷିକ ୭.୬୯% ହ୍ରାସ ହାର) ତୁଳନାରେ ୨୦୧୫-୧୬ରୁ ୨୦୧୯-୨୧ (ବାର୍ଷିକ ୧୦.୬୬% ହ୍ରାସ ହାର) ମଧ୍ୟରେ ଦାରିଦ୍ର୍ୟ ହିସାବ ଅନୁପାତ ହ୍ରାସର ଗତି ବହୁତ ଦ୍ରୁତ ଥିଲା ବୋଲି ଏହି ଗବେଷଣାପତ୍ରରେ ଦର୍ଶାଯାଇଛି। ସମଗ୍ର ଅଧ୍ୟୟନ ଅବଧି ମଧ୍ୟରେ ଏମପିଆଇର ସମସ୍ତ ୧୨ ଟି ସୂଚକାଙ୍କରେ ଉଲ୍ଲେଖନୀୟ ଉନ୍ନତି ରେକର୍ଡ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତି (ଅର୍ଥାତ୍ ୨୦୨୨-୨୩ ବର୍ଷ ପାଇଁ) ତୁଳନାରେ ୨୦୧୩-୧୪ ବର୍ଷରେ ଦାରିଦ୍ର୍ୟ ସ୍ତର ଆକଳନ କରିବା ପାଇଁ, ଏହି ନିର୍ଦ୍ଦିଷ୍ଟ ଅବଧି ପାଇଁ ଡାଟା ସୀମିତତା କାରଣରୁ ଆନୁମାନିକ ଆକଳନ ବ୍ୟବହାର କରାଯାଇଛି। ଯଦିଓ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଭିନ୍ନ ଭିନ୍ନ ରହିଛି ତଥାପି ପାରମ୍ପରିକ ଭାବରେ ଅଧିକ ଦାରିଦ୍ର୍ୟ ଥିବା କେତେକ ରାଜ୍ୟ ନିଜ ଲୋକମାନଙ୍କୁ ଦାରିଦ୍ର୍ୟରୁ ମୁକୁଳିବାରେ ସାହାଯ୍ୟ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି; ଯଦ୍ୱାରା ବହୁମୁଖୀ ଦାରିଦ୍ର୍ୟରେ ଆନ୍ତଃରାଜ୍ୟ ଅସମାନତା ହ୍ରାସ ପାଇଛି। ଏହା ସହିତ ମୌଳିକ ସେବା ପାଇବାରେ ଥିବା ମୂଳ ସମସ୍ୟା ଦ୍ରୁତ ଗତିରେ ସମାଧାନ ହେଉଛି। ଫଳରେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ସଠିକ୍ ମାର୍ଗରେ ରହିଛି।

## ସର୍ବକାଳୀନ ରେକର୍ଡ ସ୍ତରରେ ଘରୋଇ ପୁଞ୍ଜିବଜାର



**ସେନ୍‌ସେକ୍ସ ୭୩ ହଜାର ପଏଣ୍ଟ ସ୍ତର ଟପିଲା**

**ସୂଚକାଙ୍କରେ ୭୫୯ ପଏଣ୍ଟ ବୃଦ୍ଧି**

**୫ ଦିନରେ ନିବେଶକ କମାଇଲେ ୯.୬୮ ଲକ୍ଷ କୋଟି**

**ମୁମ୍ବାଇ,୧୫।୧(ଏଜେନ୍ସି):** ଘରୋଇ ପୁଞ୍ଜି ବଜାରଆଜି ପୁଣିଥରେ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ସପ୍ତାହର ପ୍ରାରମ୍ଭରେ ବଜାରର ଉଭୟ ସୂଚକାଙ୍କରେ ବୃଦ୍ଧି ଦେଖିବାକୁ ମିଳିଛି। ସୋମବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୭୫୯ ପଏଣ୍ଟ ବୃଦ୍ଧି ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୦୨ ପଏଣ୍ଟ ପ୍ରତିଶତ ବୃଦ୍ଧି ହୋଇଛି। ଫଳରେ ଉଭୟ ସୂଚକାଙ୍କ ସର୍ବକାଳୀନ ରେକର୍ଡ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। କାରବାର ବେଳେ ପ୍ରଥମ ଥର ପାଇଁ ସେନ୍‌ସେକ୍ସ ୭୩,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରିଥିଲା। ଘରୋଇ ପୁଞ୍ଜିବଜାରରେ ଆଜିର ୫ ଦିନରେ ନିବେଶକଙ୍କୁ ୯.୬୮ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି।

ସୋମବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୭୫୯ ପଏଣ୍ଟ ବା ୧.୦୫ ପ୍ରତିଶତ ବୃଦ୍ଧି ଘଟି ୭୩,୩୨୭.୯୪ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୦୨ ପଏଣ୍ଟ ବା ୦.୯୩ ପ୍ରତିଶତ ବୃଦ୍ଧି ଘଟି ୨୨,୦୯୭ ପଏଣ୍ଟରେ କାରବାର ଶେଷ ହୋଇଛି। ଦିନର କାରବାରରେ ବିଏସଇର ସେନସେକ୍ସ ସର୍ବୋଚ୍ଚ ୭୩,୪୦୨ ପଏଣ୍ଟ ରେକର୍ଡ ସ୍ତରରେ ପହଞ୍ଚିଥିଲା।

### ଇଣ୍ଡିଗୋ ବିମାନ ଉଡ଼ାଣରେ ୧୩ ଘଣ୍ଟା ବିଳମ୍ବ

## ପାଇଲଟଙ୍କୁ ଚାପୁଡ଼ା ମାରିଲେ ଯାତ୍ରୀ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇଏ)ରେ ରବିବାର ତୁମୁଳ କାଣ୍ଡ ଘଟିଛି। ଇଣ୍ଡିଗୋର ଏକ ବିମାନ (୬ଇ-୨୧୭୫) ଉଡ଼ାଣରେ ୧୩ ଘଣ୍ଟା ବିଳମ୍ବ ହେବା ଯୋଗୁଁ ଯାତ୍ରୀ ସାହିଲ କଟାରିଆ ଉତ୍କ୍ଷିପ୍ତ ହୋଇ ପାଇଲଟ୍‌ଙ୍କୁ ଚାପୁଡ଼ା ମାରିଛନ୍ତି। ଯିବାର ଅଛି ଯଦି ଚାଲ୍ ନଚେତ ଫାଟକ ଖୋଲ ବୋଲି କହିଛନ୍ତି। କଟାରିଆଙ୍କ ଏହି କାର୍ଯ୍ୟକୁ ଅନ୍ୟ ଯାତ୍ରୀମାନେ ବିରୋଧ କରିଥିଲେ। ଏ ନେଇ ଏୟାରଲାଇନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। କଟାରିଆ ଏବେ ଦିଲ୍ଲୀ ପୁଲିସର ହେପାଜତରେ ଅଛନ୍ତି। ସେ ପାଇଲଟଙ୍କୁ କ୍ଷମା ମାଗିଛନ୍ତି। ତାଙ୍କ ଉପରେ କଟକଣା ଲଗାଇବାକୁ ଦାବି ହେଉଛି। ସୂଚନା ଅନୁଯାୟୀ ଦିଲ୍ଲୀରୁ ଗୋଆ ଯିବାକୁ ଥିବା ଏହି ବିମାନ ସକାଳ ୭ଟା ୪୦ରେ ଉଡ଼ାଣ ଆରମ୍ଭ କରିବାର ଥିଲା। କିନ୍ତୁ ପ୍ରଥମେ କୁହୁଡ଼ି ଯୋଗୁଁ ଏବଂ ପରେ ପାଇଲଟ ବଦଳିବାରୁ ଉଡ଼ାଣ ବିଳମ୍ବ ହୋଇଥିଲା। ଶେଷରେ ସନ୍ଧ୍ୟା ୫ଟା ୩୩ରେ ବିମାନ ଉଡ଼ାଣ ଭରି ଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ମାମଲାକୁ ଗୁରୁତର ସହ ନେଇଛନ୍ତି। ଯାତ୍ରୀଙ୍କ ଏଭଳି ବ୍ୟବହାରକୁ କେବେ ବି ବରଦାସ୍ତ କରାଯିବ ନାହିଁ। ଏଭଳି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



**ଏୟାରଲାଇନ୍ସ ପାଇଁ ଏସ୍ଓପି ଜାରି କଲା ଡିଜିସିଏ**

**ଘନ କୁହୁଡି ଯୋଗୁଁ ଦିଲ୍ଲୀରେ ୧୦୦ ବିମାନ ଉଡ଼ାଣ ବାତିଲ**

ଅନ୍ୟପକ୍ଷରେ ଖରାପ ପାଣିପାଗ ପାଇଁ ବିମାନ ଉଡ଼ାଣରେ ବିଳମ୍ବ ଏବଂ ବାତିଲ ହେବାକୁ ନେଇ ଡିଜିସିଏ ଏୟାରଲାଇନ୍ସ ଗୁଡ଼ିକୁ ଏସ୍ଓପି ଜାରି କରିଛି। ଏଥିରେ ବିମାନ ବିଳମ୍ବ ସମ୍ପର୍କିତ ପ୍ରକୃତ ତଥ୍ୟ ଯାତ୍ରୀଙ୍କୁ ଦେବାକୁ କୁହାଯାଇଛି। ଉଡ଼ାଣ ୩ ଘଣ୍ଟାରୁ ଅଧିକ ବିଳମ୍ବ ହେଲେ ସମୟ ପୂର୍ବରୁ ବିମାନ ବାତିଲ କରିବାକୁ ପରାମର୍ଶ ଦିଆଯାଇଛି। ବିମାନ ଟିକଟରେ ସିଭିଲ ଆଭିଏସନ ରିକ୍ୱାରମେଣ୍ଟ (ସିଏଆର) ଦେବା ବାଧ୍ୟତାମୂଳକ କରିଦିଆଯାଇଛି। ଘନ କୁହୁଡ଼ି ଯୋଗୁଁ ସୋମବାର ଦିଲ୍ଲୀ ବିମାନବନ୍ଦରରେ ୧୬୮ ବିମାନ ଉଡ଼ାଣ ବିଳମ୍ବ ହୋଇଥିବାବେଳେ ୧୦୦ଟି ଉଡ଼ାଣକୁ ବାତିଲ କରିଦିଆଯାଇଛି। ଏଥିଯୋଗୁଁ ଉଡ଼ାଣ ବିଳମ୍ବର ହାରାହାରି ସମୟକୁ ୫୦ ମିନିଟ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସେହିପରି ରବିବାର ଏୟାର ଇଣ୍ଡିଆର ଏକ ବିମାନ ୧୭ ଘଣ୍ଟା ବିଳମ୍ବରେ ଉଡ଼ାଣ କରିଥିଲା। ଯାତ୍ରୀ ଏହା ଭିତରେ ୬ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିରହିଥିଲେ।

## ଏମ୍ଏସ୍ଆଇର ପ୍ରଥମ ବ୍ରାଣ୍ଡ ଷ୍ଟୋର ଆଲିଶାନ୍ କମ୍ପ୍ୟୁଟର ଭୁବନେଶ୍ୱରରେ

**ଭୁବନେଶ୍ୱର,୧୫।୧(ସମିସ):** ରାଜଧାନୀ ଭୁବନେଶ୍ୱରରେ ଏମ୍ଏସ୍ଆଇ ପକ୍ଷରୁ ଏହାର ପ୍ରଥମ ବ୍ରାଣ୍ଡ ଷ୍ଟୋର ଆଲିଶାନ୍ କମ୍ପ୍ୟୁଟର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଲିଶାନ୍ କମ୍ପ୍ୟୁଟରର ପରିଚାଳନା ନିର୍ଦ୍ଦେଶକ ରୁଦ୍ରକାନ୍ତ ମହାପାତ୍ର,ବିଧାୟକ ଅନନ୍ତ ନାରାୟଣ ଜେନା,କଣ୍ଟ୍ରି ହେଡ୍ ଲିଅନ୍ ଚ୍ୟାଙ୍ଗ୍ ଏବଂ ବିଡିଏମ୍ ମଧୁସୂଦନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆଲିଶାନ୍ କମ୍ପ୍ୟୁଟରରେ ୩ ସେଗ୍‌ମେଣ୍ଟର ଲାପ୍‌ଟପ୍ ରହିଛି। ମଡର୍ଣ୍ଣ ସିରିଜ୍‌ର ମୂଲ୍ୟ ୨୬ ହଜାରରୁ ୧ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହାର କ୍ରିଏଟର ସିରିଜ୍‌ରେ ଜଣେ କୌଣସି ବି କଣ୍ଟେଣ୍ଟ ସୃଷ୍ଟି କରିପାରିବେ। ଏହାର ମୂଲ୍ୟ ୬୦ ହଜାରରୁ ୨ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହାବାଦ୍ ଗେମିଂ ସିରିଜ୍ ବ୍ୟବହାରକାରୀଙ୍କୁ ବିନା କୌଣସି ଝିନ୍‌ଝଟ୍‌ରେ ଲକ୍‌ଜ୍ୟୁରୀ ଗେମିଂ ଅଭିଜ୍ଞତା ପ୍ରଦାନ କରିବ। ଏହାର ମୂଲ୍ୟ ୫୦ ହଜାରରୁ ୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି।



## ଓଡ଼ିଶା ବଜାରରେ ସାଓମି ରେଡ୍‌ମି ନୋଟ୍ ୧୩ର ୫ଜି ସିରିଜ୍



**ଭୁବନେଶ୍ୱର,୧୫।୧(ସମିସ):** ସ୍ମାର୍ଟଫୋନ୍ ନିର୍ମାତା ସାଓମି ପକ୍ଷରୁ ରେଡ୍‌ମି ନୋଟ୍ ୧୩(୫ଜି ସିରିଜ୍‌ର) ଓଡ଼ିଶା ବଜାର ପ୍ରବେଶ ହୋଇଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସାଓମି ଇଣ୍ଡିଆର ନିର୍ଦ୍ଦେଶକ (ଖୁଚୁରା) ଅମିତାଭ ବିଶ୍ୱାସ, ଡିଷ୍ଟ୍ରିବ୍ୟୁଶନ୍ ମୁଖ୍ୟ ରୋହିତ୍ ଖଟ୍ଟର, ଜୋନାଲ୍ ହେଡ୍(ଓଡ଼ିଶା ଓ ଝାଡଖଣ୍ଡ) ଅଭିଷେକ ରାୟ , ରାଜ୍ୟ ମୁଖ୍ୟ ଅଜୟ ଦଳବେହେରା, ପ୍ରଡକ୍ଟ ମ୍ୟାନେଜର ସାର୍ଥକ ସାହୁ ଏବଂ ଶମ୍ଭୁନାଥ ଡିଷ୍ଟ୍ରିବ୍ୟୁଟରରର ଏମ୍‌ଡି ଅମିତ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ସ୍ମାର୍ଟଫୋନ୍‌ର ଓଡ଼ିଶା ବଜାର ପ୍ରବେଶ କରାଇଥିଲେ। ଏହି ଫୋନ୍‌ର ବୈଶିଷ୍ଟ୍ୟ ହେଉଛି ଯେ, ଏହାର କର୍ଭଡ ଏବଂ ହାଲୁକା ଡିଜାଇନ୍ , ଆଇପି ୬୮ ରେଟିଂ, ୧୨୦ ୱାଟ୍ ହାଇପର ଚାର୍ଜ,୨୦୦ ଏମ୍‌ପି କ୍ୟାମେରା ଆଦି ରହିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୬,୯୯୯ ଟଙ୍କାରୁ ଆରମ୍ଭ ହୋଇ ୩୭,୯୯୯ ଟଙ୍କା ମଧ୍ୟରେ ରହିଛି। ଏହି ଉତ୍ସବରେ କମ୍ପାନୀର ଓଡ଼ିଶାରେ ଥିବା ସମସ୍ତ ଡିଲର ଯୋଗଦେଇଥିଲେ।

## ଓଡ଼ିଶାରେ ୩୦ରୁ ଉର୍ଦ୍ଧ୍ୱ ସହରରେ ଜିଓ ଏୟାର ଫାଇବର ସେବା

**ଭୁବନେଶ୍ୱର,୧୫।୧(ସମିସ):** ବିଶ୍ୱର ସର୍ବବୃହତ ଘରୋଇ ମୋବାଇଲ ଡାଟା ନେଟୱର୍କ ରିଲାଏନ୍ସ ଜିଓ ପକ୍ଷରୁ ସାରା ଓଡ଼ିଶାରେ ୩୦ରୁ ଉର୍ଦ୍ଧ୍ୱ ସହର ଓ ନଗରକୁ ବିଶ୍ୱ ମାନର ସର୍ବାଧୁନିକ ଜିଓଏୟାରଫାଇବର ସେବା ସମ୍ପ୍ରସାରଣ କରାଯାଇଛି। ପ୍ରାରମ୍ଭିକ ଭାବେ ନଭେମ୍ବର ୨୦୨୩ ରେ ଭୁବନେଶ୍ୱର ଓ କଟକ ସହରରେ ଶୁଭାରମ୍ଭ ହୋଇଥିବା ଜିଓଏୟାରଫାଇବର ସେବା ଆଜିକାର ଏହି ୩୦ ସହର ଓ ନଗରକୁ ସମ୍ପ୍ରସାରଣ ମାଇଲଖୁଣ୍ଟ ସହିତ ଓଡ଼ିଶାରେ ଡିଜିଟାଲ ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନର ଏକ ନିଦର୍ଶନ ହୋଇଛି। ଜିଓଏୟାରଫାଇବର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂର କରିବ ଏବଂ ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରିବ ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ୍ ବ୍ରଡବ୍ୟାଣ୍ଡ ସୁବିଧା ସେମାନଙ୍କ ପରିସରକୁ ଅପ୍‌ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁ ନ ଥିଲା।

### ଡାଭୋସ୍ ସମ୍ମିଳନୀରେ ଚ୍ୟାରିଟି ଅକ୍ସଫାମ୍ ରିପୋର୍ଟ ଉପସ୍ଥାପିତ

## ୨୦୨୦ରୁ ଧନୀଙ୍କ ସମ୍ପତ୍ତି ଦୁଇ ଗୁଣ ବଢ଼ିଛି

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି)**

୨୦୨୦ଠାରୁ ଦୁନିଆର ସବୁଠୁ ପାଞ୍ଚ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତିରେ ଦୁଇ ଗୁଣ ବୃଦ୍ଧି ଘଟିଛି। ଚ୍ୟାରିଟି ଅକ୍ସଫାମ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏକଥା କୁହାଯାଇଛି। ହୋଇଛି। ସୁଇଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୦ ମସିହାରୁ ବିଶ୍ୱର ଶ୍ରେଷ୍ଠ ପାଞ୍ଚ ଧନୀ ବ୍ୟକ୍ତିଙ୍କ ମୋଟ ସମ୍ପତ୍ତି ୪୦୫ ବିଲିୟନ ଡ଼ଲାରରୁ ୮୬୯ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଏହି ଧନୀ ବ୍ୟକ୍ତି ମାନଙ୍କର ସମ୍ପତ୍ତି ପ୍ରତି ଘଣ୍ଟାରେ ହାରାହାରି ୧୪ ନିୟୁତ ଡଲାରରେ ବୃଦ୍ଧି ପାଇଛି। ତେବେ ଅକ୍ସଫାମ୍ ରିପୋର୍ଟ ଅନୁଯାୟୀ, ଯଦିବା ୨୦୨୦ଠାରୁ ବିଶ୍ୱରେ ଧନୀମାନଙ୍କର ସମ୍ପତ୍ତି ଦୁଇ ଗୁଣ ବଢ଼ିଛି, ସେହି ସମୟରେ ୫୦୦ କୋଟି ଲୋକଙ୍କ ରୋଜଗାର କମିଛି। ଅର୍ଥାତ୍ ୨୦୨୦ ପରଠାରୁ ଧନୀଙ୍କ ତୁଳନାରେ ଗରିବଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଆଗାମୀ ୨୨୯ ବର୍ଷ ପାଇଁ ଏହି ଦୁନିଆରୁ ଦାରିଦ୍ର୍ୟ ଦୂର ହେବ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

'ଅସମାନତା ଆଇଏନ୍‌ସି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ ୨୦୨୦ରୁ ଧନୀମାନଙ୍କ ସମ୍ପତ୍ତି ହାରାହାରି ୩.୩ ବିଲିୟନ ଡ଼ଲାର ବୃଦ୍ଧି ପାଇଛି। ଏହି ବୃଦ୍ଧି ସେହି ସମୟରେ ହୋଇଛି ଯେତେବେଳେ ବିଶ୍ୱ ଅର୍ଥନୀତି ଅସ୍ଥିର ରହିଥିଲା। କରୋନା ମହାମାରୀ ଦ୍ୱାରା ସାରା ବିଶ୍ୱ ପ୍ରଭାବିତ ହୋଇଥିଲା। ଏହି ରିପୋର୍ଟରେ ସମଗ୍ର ବିଶ୍ୱରେ ଅର୍ଥନୈତିକ ଅସମାନତା ବୃଦ୍ଧି ନେଇ ଚିନ୍ତା ପ୍ରକଟ କରାଯାଇଛି। ରିପୋର୍ଟରେ ବିଶ୍ୱର ଯେଉଁ ୫ ଧନୀଙ୍କର ସମ୍ପତ୍ତି ଦ୍ରୁତ ଗତିରେ ବୃଦ୍ଧି ପାଇଛି ସେମାନେ ହେଉଛନ୍ତି ଏଲ୍‌ଭିଏମ୍ଏଚ୍ ମୁଖ୍ୟ ବର୍ନାର୍ଡ ଆର୍ନୋଲ୍ଟ, ଆମାଜନ୍ ଚିଫ୍ ଜେଫ୍ ବେଜୋସ୍, ନିବେଶକ ୱାରେନ୍ ବଫେଟ୍, ଓରାକଲର ସହ-ପ୍ରତିଷ୍ଠାତା ଲ୍ୟାରି ଏଲିସନ ଏବଂ ଟେସଲା ସିଇଓ ଏଲନ୍ ମସ୍କଙ୍କ ନାମ ଅନ୍ତର୍ଭୁକ୍ତ।

ରିପୋର୍ଟରେ କୁହାଯାଇଛି ଯେ ଦୁନିଆର ଶୀର୍ଷ ପାଞ୍ଚ ଧନୀଙ୍କ ମୋଟ ସମ୍ପତ୍ତି ୨୦୨୦ ପରଠୁ ବର୍ତ୍ତମାନ ସୁଦ୍ଧା ୪୦୫ ବିଲିୟନ ଡଲାର ବୃଦ୍ଧି ହୋଇ ୮୬୯ ବିଲିୟନ ଡଲାରରେ ପହଞ୍ଚିଛି। ଅକ୍ସଫାମ୍ ଇଣ୍ଟରନ୍ୟାସନାଲର ଅନ୍ତରୀଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିତାଭ ବେହର କହିଛନ୍ତି ଯେ ଆମେ ବିଭାଜନ ଦଶନ୍ଧିକୁ ଦେଖୁଛୁ। କୋଟି କୋଟି ଲୋକ ମହାମାରୀ, ଆର୍ଥିକ ଚିନ୍ତା, ଦରବୃଦ୍ଧି ଏବଂ ଯୁଦ୍ଧର ବିଭୀଷିକାର ଯନ୍ତ୍ରଣା ଭୋଗୁଛନ୍ତି। ଅନ୍ୟପଟେ ବିଲେୟନେୟାରଙ୍କ ସମ୍ପତ୍ତିରେ ବୃଦ୍ଧି ଘଟୁଛି। ଏହି ଅସମାନତା ହଠାତ୍ ଆସିନାହିଁ। ବେହର ଅଭିଯୋଗ କହିଛନ୍ତି ଯେ କର୍ପୋରେଟ୍ ସଂସ୍ଥାଗୁଡିକର ମନୋଭାବ ଏବଂ ଏକଚାଟିଆ ଶକ୍ତି ଯୋଗୁଁ ବିଶ୍ୱରେ ଅସମାନତା ବୃଦ୍ଧି ପାଉଛି। ରିପୋର୍ଟରେ କୁହାଯାଇଛି ଯେ ସାରା ଦୁନିଆର ଘରୋଇ କ୍ଷେତ୍ର କମ୍ ଟିକସ ହାର, ବ୍ୟବସ୍ଥାରେ ତ୍ରୁଟି ଏବଂ ଅପାରଦର୍ଶିତାକୁ ବଢାଉଛନ୍ତି। ଟିକସ ନୀତି ନିର୍ଦ୍ଧାରଣରେ ଲବି ହେତୁ ଟିକସ ହାର କମ୍ ରଖାଯାଉଛି, ଯାହା ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଉଛି, ସେହି ସମାନ ଅର୍ଥ ଗରୀବଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହୋଇଥାନ୍ତା।







## ସଂକ୍ରାନ୍ତି ଓ ପୋଙ୍ଗଲ ଉପଲକ୍ଷେ ସହର ଉତ୍ସବମୁଖର

# ମକର ଆକାଶରେ କଟକୀ ଗୁଡ଼ି





ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସାଙ୍ଗକୁ ମହାନଦୀ ଓ କାଠଯୋଡିରୁ ବହି ଆସୁଥିବା ପବନ ଗତିରେ ଗୁଡି ଛାଡିବା କଟକିଆଙ୍କ ଖାସ୍ ସଉକ। କଲିକତି ନଟେଇ ସାଙ୍ଗକୁ ନମ୍ବରୀ ସୂତାରେ ମାଞ୍ଜା ମାରି ଆଉ କାହା ଗୁଡ଼ିକୁ କାଟିବା ପାଇଁ ଏଠି ଚାଲେ ସ୍ୱତନ୍ତ୍ର ପ୍ରତିଯୋଗିତା। ଛାତ ଉପର ହେଉ କି ନଈପଠା। ହାତରେ ନଟେଇ ଧରି ଆକାଶ'ରେ ଗୁଡି ଉଡାଇଲେ କଟକିଆଙ୍କୁ ମିଳେ ଅପୂର୍ବ ଆନନ୍ଦ...ଶାନ୍ତି। ଏଠି କାହା ଗୁଡ଼ି କାନି ଖାଏ ତ ଆଉ କାହା ଗୁଡ଼ି ସୂରୁକି ଦେଇ ସେମିତି ଉଡୁଥାଏ। ଯଦିଓ ପୂର୍ବରୁ 'ଲଟକମାଣୀ'ଗୁଡିର ଆଦର ଥିଲା, ଏବେ ସେ ନାଁରେ ଗୁଡ଼ି ମିଳୁ ନାହିଁ। ନୂଆ ନୂଆ ନାଁରେ ବଜାରରେ ମିଳୁଥିବା ରଙ୍ଗୀନ ଗୁଡ଼ିକୁ ଆଣି ଆଜି ସାରା ସହରରେ କଟକବାସୀ ଉଡାଇଥିଲେ ଗୁଡି। ମହାନଦୀ ଓ କାଠଯୋଡ଼ି ପଠାରେ ହୋଇଥିଲା ଗୁଡ଼ି ଉଡା ପ୍ରତିଯୋଗିତା। ଯଦିଓ ନିଷିଦ୍ଧ ମାଞ୍ଜା ସୂତାକୁ ପୁଲିସ ବାରଣ' କରିଥିଲା ତଥାପି ସାଧାରଣ ସୂତାରେ ମକର ଆକାଶରେ ଉଡିଥିଲା ମାଳ ମାଳ କଟକୀ ଗୁଡ଼ି। ସେହିପରି ସହରର ମନ୍ଦିର ଗୁଡ଼ିକରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।





କଟକ, ୧୫ ।୧(ସମିସ)

ମକରସଂକ୍ରାନ୍ତୀ ଉପଲକ୍ଷେ କଟକ ସହରର ବିଭିନ୍ନ ଦେବାଦେବୀ ମନ୍ଦିରରେ ଆଜି ହୋଇଥିଲା ପ୍ରବଳ ଜନସମାଗମ। ସହରର ଶୈବପୀଠ ସମେତ ଅନ୍ୟାନ୍ୟ ମନ୍ଦିରରେ ବିଗ୍ରହମାନଙ୍କ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଶ୍ରଦ୍ଧାଳୁମାନେ ସକାଳ ସମୟରେ ମନ୍ଦିରକୁ ଯାଇ ସଂକ୍ରାନ୍ତୀ ପୂଜା କରିବା ସହିତ ମକର ଚାଉଳ ଭୋଗ କରିଥିଲେ। ସେହିପରି ଘରେ ଘରେ ମଧ ଆଜି ପ୍ରସ୍ତୁତ ହୋଇଥିଲା ମକର ଚାଉଳ। ମକର

**ନଦୀପଠାରେ ଗୁଡି ଉଡ଼ା ପ୍ରତିଯୋଗିତା**

**ତେଲୁଗୁ ସମ୍ପ୍ରଦାୟ ପାଳିଲେ ପୋଙ୍ଗଲ**

ଅବସରରେ ଭୂଆସୁଣୀ ମନ୍ଦିର, ଚଣ୍ଡିମନ୍ଦିର, ଗଡ଼ଗଡେଶ୍ୱର ମନ୍ଦିର, ଚହଟେଶ୍ୱର ମନ୍ଦିର, ବକ୍ସିବଜାର ଅମରେଶ୍ୱର ମନ୍ଦିର, ଯୋବ୍ରା ପାରେଶ୍ୱର ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ପରମହଂସନାଥ ମନ୍ଦିର ଭଳି ସହରର ପ୍ରତ୍ୟେକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବେଶ ଭିଡ ଦେଖିବାକୁ ମିଳିଥିଲା ଏଥି ସହ ମକର ସଂକ୍ରାନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା।

ତେବେ ମକରରେ କଟକର ପ୍ରମୁଖ ଆକର୍ଷଣ ହେଉଛି ଗୁଡି ଉଡା। ରଙ୍ଗବେରଙ୍ଗର ଗୁଡ଼ି ଧରି ସହରବାସୀ ନିଜ ନିଜ ଛାତ ଉପରେ ଉଡାଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ମହାନଦୀ ଓ କାଠଯୋଡ଼ି ନଦୀ ପଠାରେ ଆୟୋଜିତ ହୋଇଥିଲା ଗୁଡି ଉଡା ପ୍ରତିଯୋଗିତା। ପୁଲିସ ପକ୍ଷରୁ ମାଞ୍ଜା ସୂତାକୁ ନିଷିଦ୍ଧ କରାଯାଇଥିବା ବେଳେ ସାଧାରଣ ସୂତାରେ ଲୋକମାନେ ଗୁଡ଼ି ଉଡାଇଥିଲେ। ବକ୍ସିବଜାର, ସୂତାହାଟ, ଚୌଧୁରୀବଜାର, ଚାନ୍ଦିନଚୌକ, ଶେଖବଜାର, କଲେଜଛକ, ମଙ୍ଗଳାବାଗ, ରାଣୀହାଟ, ହରିପୁର, ପିଠାପୁର, ଦୋଳମୁଣ୍ଡାଇ, ତେଲେଙ୍ଗବଜାର, ଖାନନଗର, ଶଙ୍କରପୁର ଭଳି ସହରର ବାଉନ ବଜାର ତେପନ ଗଳିରେ ଉଡିଥିଲା ଗୁଡ଼ି। ସେହିପରି କେତେକ ଅନୁଷ୍ଠାନ ଓ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଥିଲା ଗୁଡ଼ି ଉଡା ପ୍ରତିଯୋଗିତା। ସେହିପରି ସହରର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ଲୋକମାନେ ଆଜି ପୋଙ୍ଗଲ ପର୍ବକୁ ମଧ ବଡ ଧୂମଧାମରେ ପାଳନ କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



## ଟ୍ରେନ୍‌ରୁ ନାବାଳିକା ଉଦ୍ଧାର

**କଟକ, ୧୫ ।୧(ସମିସ):** ଘରେ ରାଗି କରି ଟ୍ରେନରେ ଚାଲିଆସିଥିବା ଜଣେ ଛାତ୍ରୀଙ୍କୁ ଆରପିଏଫ୍‌ର 'ମେରୀ ସହେଲି ଟିମ' ଉଦ୍ଧାର କରିଛି। ରବିବାର ରାତିରେ ଆରପିଏଫ ଟିମ ତିରୁପତି ଏକ୍ସପ୍ରେସରେ ଯାଞ୍ଚ ବେଳେ କୋଚ ନଂ ଏସ-୭ରେ ଜଣେ ନାବାଳିକାକୁ ଦେଖିଥିଲା। ନାବାଳିକା ଜଣକ ବହୁ ସମୟ ଧରି ଏକୁଟିଆ ଓ ଚୁପଚାପ ବସି ରହିଥିଲେ। ସମ୍ପର୍କୀୟ ଭାବି ପାଖ ଅନ୍ୟ ଯାତ୍ରୀମାନଙ୍କୁ ପଚାରିବାରୁ ସେମାନେ ନାବାଳିକାକୁ ଜାଣି ନ ଥିବା କହିଥିଲେ। ସନ୍ଦେହରେ ନାବାଳିକାକୁ ପଚରାଉଚରା କରିବାରୁ ସେ ମଧ କିଛି କହି ନ ଥିଲେ। ଏହାପରେ ମେରୀ ସହେଲୀ ଟିମ ନାବାଳିକାକୁ କଟକ ରେଳଷ୍ଟେସନରେ ଓହ୍ଲାଇ ଆରପିଏଫ ପୋଷ୍ଟର ମହିଳା ଓ ଶିଶୁ ଡେସ୍କକୁ ଆଣିଥିଲେ। ବହୁ ବୁଝାସୁଝା ପରେ ନାବାଳିକା ଜଣକ ନିଜ ପରିଚୟ ଓ ଠିକଣା କହିବା ପରେ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଏକ ସମ୍ଭ୍ରାନ୍ତ ପରିବାରର ଏହି ୧୫ ବର୍ଷୀୟ ନାବାଳିକାଙ୍କ ଘର ବାଲେଶ୍ୱର ସଦର ଥାନା ଅଞ୍ଚଳରେ। ବର୍ତ୍ତମାନ ସେ ଏକାଦଶ ଶ୍ରେଣୀରେ ପଢୁଛନ୍ତି। ତେବେ ରବିବାର ପାଠପଢ଼ାକୁ ନେଇ ଘରେ ସାମାନ୍ୟ ବିରକ୍ତ ହୋଇ ପାଟି କରିଥିଲେ। ଏଥିରେ ସେ ରାଗିକରି ଘରୁ ଷ୍ଟେସନକୁ ଆସି ଟ୍ରେନରେ ପଳାଇ ଆସିଥିଲେ ବୋଲି ଆରପିଏଫକୁ ଜଣାଇଥିଲେ। ସୋମବାର ପରିବାର ସଦସ୍ୟ କଟକରେ ପହଞ୍ଚିବା ପରେ ତାଙ୍କୁ ନାବାଳିକାର ଜିମା ଦିଆଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନବିହାର



**କଟକ, ୧୫ ।୧(ସମିସ):** ଭୁବନେଶ୍ୱର ନିକଟସ୍ଥ ପ୍ରସିଦ୍ଧ ଧଉଳୀ ଶାନ୍ତିସ୍ତୁପ ପରିସରରେ ସାମନ୍ତ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କର ଏକ ବନବିହାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନେ ନାଚଗୀତରେ ମଜା ନେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଅଧ୍ୟାପକ ନଗେନ୍ଦ୍ର ନାଥ ପଲାଇ, ସମ୍ପାଦିକା ସୋନାଲୀ ଦାଶ, ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାସ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ସହିତ ସମୟ କଟାଇଥିଲେ। ଏହାପରେ ସମସ୍ତେ ପଠାଣି ସାମନ୍ତ ପ୍ଲାନେଟୋରିଅମ୍ ଓ ବିଜ୍ଞାନ ପାର୍କ ବୁଲିଥିଲେ। ସ୍କୁଲର ସଭାପତି ସଦୟ ବୋଷଙ୍କ ତତ୍ତ୍ୱାବଧାନରେ ଏହି ବନବିହାର ସଫଳ ହୋଇଥିଲା।

## ଲ୍ୟାପଟପ୍ ଫେରି ପାଇଲେ ଯାତ୍ରୀ

**କଟକ, ୧୫ ।୧(ସମିସ):** ରେଳ ଷ୍ଟେସନରେ ଛାଡି ଯାଇଥିବା ଦେଢ ଲକ୍ଷ ଟଙ୍କାର ଲ୍ୟାପଟପ ଫେରିପାଇଛନ୍ତି ଜଣେ ରେଳଯାତ୍ରୀ। ଆନ୍ଧ୍ରପ୍ରଦେଶ ବିଶାଖାପାଟଣାମର ସିଏଚ. ଭେଙ୍କେଟ ମହେଶ (୫୨) କୌଣସି କାମରେ କଟକ ଆସିଥିଲେ। ସୋମବାର ସେ ବିଜୟନଗରମକୁ ଯିବା ଲାଗି କଟକ ରେଳ ଷ୍ଟେସନକୁ ଆସିଥିଲେ। ପରେ ୩ ନଂ ପ୍ଲାଟଫର୍ମରୁ ସେ ହାୱଡା-ମହୀଶୂର ଏକ୍ସପ୍ରେସରେ ଚଢିଥିଲେ। ଅକସ୍ମାତ ଏହି ସମୟରେ ସେ ପ୍ଲାଟଫର୍ମରେ ନିଜର ଲ୍ୟାପ୍‌ଟପ ବ୍ୟାଗ ଛାଡି ଯାଇଥିଲେ। ଯାଞ୍ଚ କରୁଥିବା ଆରପିଏଫ୍ ଏଏସଆଇ ଆରକେ. ନାୟକ ଉକ୍ତ ବ୍ୟାଗକୁ ପାଇ ପୋଷ୍ଟ ଜିମା ଦେଇଥିଲେ। ପରେ ରେଳଯାତ୍ରୀ ଶ୍ରୀ ମହେଶଙ୍କୁ ଯୋଗାଯୋଗ କରି ତାଙ୍କୁ ଲାପଟପ ଫେରସ୍ତ କରାଯାଇଛି।

## ସୁନା ଅଳଙ୍କାର ଓ ଟଙ୍କା ଜବତ: ୫ ଗିରଫ

କଟକ, ୧୫ ।୧(ସମିସ)

ପରିବାର ସଦସ୍ୟ ଘରେ ନ ଥିବା ବେଳେ ଘରେ ପଶି ଚୋରି କରିବା ଘଟଣାରେ ୪୨ ମୌଜା ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ତଡପଡ଼ା ଗାଁର ଜଗ ଓରଫ ଜଗବନ୍ଧୁ ରାଉତ(୨୭), ନନ୍ଦୁ ଓରଫ ବାଦଲ ରାଉତ(୩୩), ବଉଳକୁଦର ସିପୁନ ଓରଫ ଶଶିକାନ୍ତ ପତି(୩୨), କଦମପଡ଼ାର ଦୁଶା ଓରଫ ନୀଳମାଧବ ସ୍ୱାଇଁ(୨୫) ଓ ବୁଣା ସାହିର ବାପି ଓରଫ ଜନାର୍ଦ୍ଦନ ଦାସ(୨୬)। ଅଭିଯୁକ୍ତଙ୍କ ଠାରୁ ଦୁଇ ହଳ ସୁନା କାନଫୁଲ, ସୁନା ମୁଦି, ସୁନା ଚେନ ଓ ନଗଦ ୧୦ ହଜାର ଟଙ୍କା ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ସ୍ଥାନୀୟ ତଡପଡ଼ା ଗାଁର ଜିନୁଲତା ପଣ୍ଡା ଗତ ୧୧ ତାରିଖରେ ସପରିବାର ଶିରିଡି ସାଇ



ଦର୍ଶନରେ ଯାଇଥିଲେ। ଏହି ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ୧୪ ତାରିଖରେ ପରିବାର ସଦସ୍ୟ ପହଞ୍ଚି ଘର ମୁଖ୍ୟ କବାଟର ତାଲା ଭାଙ୍ଗି ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ଘର ଭିତର ସବୁ ଜିନିଷପତ୍ର ଏଣେତେଣେ ଖେଳାଇ ହୋଇ ପଡ଼ିରହିଛି। ବେଡରୁମରେ ଥିବା ଆଲମିରା ମଧ ଖୋଲା ରହିଛି। ଯାଞ୍ଚ ପରେ ଜଣାପଡ଼ିଲା ଯେ, ଆଲମିରାରୁ ସୁନାର ମୁଦି, କାନଫୁଲ, ଚୂଡି, ଲାପଟପ ସହ ଦୁଇଟି ମୋବାଇଲ ଚୋରି ହୋଇଛି। ଏହାସହ ଦୁର୍ବୃତ୍ତମାନେ ଆଲମିରା ଲକରରେ ଥିବା ପ୍ରାୟ ୧ ଲକ୍ଷ ଟଙ୍କା ଚୋରାଇ ନେଇଛନ୍ତି। ସେହି ରାତିରେ ଶ୍ରୀମତୀ ପଣ୍ଡାଙ୍କ ଏତଲାକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ ପରେ ତଡପଡ଼ାର ଜଗ ଓ ନନ୍ଦୁକୁ ଚିହ୍ନଟ କରିଥିଲା। ଦୁହିଁଙ୍କୁ ଧରିଆଣି ଜେରା କରିବାରୁ ଚୋରି ବିଷୟ ସ୍ପଷ୍ଟ ହୋଇଥିଲା। ପରେ ସେମାନଙ୍କ ତଥ୍ୟ ଆଧାରରେ ପୁଲିସ ଅନ୍ୟ ୩ ସହଯୋଗୀ ସିପୁନ, ଦୁଶା ଓ ବାପିକୁ ଗିରଫ କରିବା ସହ ଚୋରି ଅଳଙ୍କାର ଓ ଟଙ୍କା ଜବତ କରିଥିଲା। ଗୋଟିଏ ଅଞ୍ଚଳର ହୋଇଥିବାରୁ ଅଭିଯୁକ୍ତ ଜଗ, ନନ୍ଦୁକୁ ଅଭିଯୋଗକାରୀଙ୍କ ଘରେ କେହି ନ ଥିବା ଜଣାଥିଲା। ଏହି ସୁଯୋଗରେ ସେମାନେ ବିଳମ୍ବିତ ରାତିରେ ସଂଗଠିତ ଅପରାଧ ଘଟାଇଥିଲେ ବୋଲି ଜେରା ବେଳେ ପୁଲିସ ଆଗରେ ସ୍ୱୀକାର କରିଛନ୍ତି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ



**କଟକ, ୧୫ ।୧(ସମିସ):** ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଆ ଚିତ୍ରକଳା ଏକାଡେମୀ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମାରକୀ ଉଦ୍ୟାନ ଠାରେ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା 'ଗୁଡ଼ିରେ ଗୁଡ଼ି ଯାରେ ଉଡି' ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରଛାତ୍ରୀ ଚିତ୍ରାଙ୍କନ କରିଥିଲେ। ଉତ୍ସବକୁ ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦେବାଶିଷ ସାମନ୍ତରାୟ, ରଞ୍ଜନ କୁମାର ବିଶ୍ୱାଳ, ମୋନାଲିସା ଦାସ, ଦୀପ୍ତିମୟୀ ମୂଳିଆ, ଆରତୀ ସାହୁ, ଡଃ ଜୟଶ୍ରୀ ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରମିତା ମଙ୍ଗରାଜଙ୍କୁ ଚିତ୍ରକଳା ସମ୍ମାନ ପ୍ରଦାନ କରାଯାଇଥିଲା। ଶିଶୁ ପ୍ରତିଭା ପୁରସ୍କାର ଜୋହାନା ମହାପାତ୍ର ଓ ଶ୍ରେୟାଂଶ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ଏକାଡେମୀର ସଭାପତି ଧର୍ମପଦ ପୁରସ୍କାର ପ୍ରାପ୍ତ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଶିଶୁମାନଙ୍କୁ ଚିତ୍ରକଳାର ଆବଶ୍ୟକ ଉପରେ ବୁଝାଇଥିଲେ। ଶିଳ୍ପୀ ଯଶସ୍ୱୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜୋହାନା ମହାପାତ୍ର ଓ ଜେ ଦିଧା ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୌଭାଗ୍ୟ ରାୟ, ଆଶିଷ ସାହୁ, ଅଭିଜିତ ସ୍ୱାଇଁ, ଅନିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମକର ପାଇଁ ବିଭିନ୍ନ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ


ବଡବନ୍ଧିଆଣୀଙ୍କ ମକର ଯାତ୍ରା


ବନଦେବୀ ଡମଡମଣୀ ପୀଠ


ଲୁଣିଗାଁ ସାଧୁବାବା ପୀଠ

ଟିଗିରିଆ, ୧୫ ।୧(ସମିସ)

ଟିଗିରିଆ ଓ ବାଙ୍କି ବ୍ଲକର ମିଳନସ୍ଥଳ ବୋଲାଉଥିବା ସୋମପଡ଼ା-ଖଣ୍ଡହତା ରାସ୍ତାର ବଡବନ୍ଧ ନାଳ ନିକଟସ୍ଥ ମା' ବଡବନ୍ଧିଆଣୀଙ୍କ ପବିତ୍ର ମକର ଯାତ୍ରା ଓ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଆଜି ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଛି । ଉଭୟ ଟିଗିରିଆ ଓ ବାଙ୍କି ବ୍ଲକର ଜନସାଧାରଣ ଆଜି ମା'ଙ୍କ ପୀଠରେ ଏକତ୍ରୀତ ହୋଇ ମା'ଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରିବା ସହ ଯାତ୍ରାରେ ବୁଲାବୁଲି କରିଛନ୍ତି । ପ୍ରଶାସନର ଆକଳନ ଠାରୁ ଆଜିର ଯାତ୍ରାରେ ଢେର ଅଧିକ ଶ୍ରଦ୍ଧାଳୁଙ୍କ ସମାବେଶ ପାଇଁ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିବା ବେଳେ ନିର୍ମିତ ଗାଡିଷ୍ଟାଣ୍ଡ ପାଇଁ ଶ୍ରଦ୍ଧାଳୁ ଆଜି ବହୁ ହିନସ୍ତା ଭୋଗ କରିଛନ୍ତି । ଅସମ୍ଭବ ଭିଡ ପାଇଁ ଶ୍ରଦ୍ଧାଳୁମାନେ ବାଟଅବାଟ ନ ମାନି ରାସ୍ତା ତଳେ ଥିବା ଗହିର ବିଲରେ ପଶି ହେକ୍ଟର ହେକ୍ଟର ବିରି, ମୁଗ, କୋଳଥ ଆଦି ଡାଲି ଜାତୀୟ ଫସଲକୁ ଦଳିମକଚି ଦେଇଥିବାର ଦେଖିବାକୁ ମିଳିଛି । ସୂଚନା ମୁତାବକ ଚଳିତ ମାସ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ମା ବଡବନ୍ଧିଆଣୀଙ୍କ ପବିତ୍ର ମକର ଯାତ୍ରାରେ ଆଜି ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆଜି ପ୍ରାତଃକାଳରୁ ମା'ଙ୍କ ନୀତିଦିନିଆ ପୂଜା ସମ୍ପାଦିତ କରାଯିବା ପରେ ମା'ଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା । ପରେ ବାଙ୍କି, ଟିଗିରିଆ, ଆଠଗଡ଼ ଆଦି ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଏହି ପବିତ୍ର ବେଶ ତଥା ମେଳାକୁ ଦେଖିବା ପାଇଁ ଯାତ୍ରା ପଡ଼ିଆରେ ରୁଣ୍ଡ ହୋଇଥିଲେ । ଉଭୟ ବାଙ୍କି ଓ ଟିଗିରିଆ ବ୍ଲକ ପ୍ରଶାସନ ପକ୍ଷରୁ ଯାତ୍ରାସ୍ଥାନରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ବାଙ୍କି, ଟିଗିରିଆ, ଆଠଗଡ଼ ଆଦି ଥାନାର ପ୍ରାୟ ୧୪ ଜଣ ଏଏସଆଇ, ଏସଆଇ ଉପସ୍ଥିତ ଥାଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଅପରାହ୍ନରେ ଅଭିନେତ୍ରୀ ରାଣୀ ପଣ୍ଡା ଓ ସାଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

**ବଡ଼ମ୍ବା:** ଆଜି ପବିତ୍ର ମକର ସଂକ୍ରାନ୍ତି । ବହୁ ପୁରାତନ କାଳରୁ ମକର ସଂକ୍ରାନ୍ତିରେ ବଡ଼ମ୍ବାର ଆରାଧ୍ୟ ବାବା ସିଂହନାଥଙ୍କ ପୀଠରେ ପ୍ରତିବର୍ଷ ପାଳନ ହୋଇଆସୁଛି ମକର ମେଳା । ଏଥିପାଇଁ ଆଜି ବାବାଙ୍କ ପୀଠ ଚଳଚଞ୍ଚଳ ହୋଇଥିଲା । ଗତବର୍ଷର ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିଲା । ଆଜିଠାରୁ ଆଗାମୀ ଦୁଇଦିନ ଧରି ଏହି ଯାତ୍ରା ଚାଲୁରହିବ । ଟି ବ୍ରିଜ୍‌ରେ ଗାଡି ଚଳାଚଳ ସମ୍ପୂର୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ବାବା ସିଂହନାଥଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଜିର ପ୍ରଥମ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ନରସିଂହପୁରର ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶୁଭେଚ୍ଛା ଜଣାଇଥିଲେ । ବାବା ସିଂହନାଥଙ୍କ ପୀଠର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଏହି ପରିପ୍ରେକ୍ଷୀରେ ସମ୍ମାନିତ ଅତିଥି ରୂପେ ବଡ଼ମ୍ବା ବ୍ଲକର ଅଧକ୍ଷ ରଘୁପତି ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଉପାଧକ୍ଷ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ । ଆଜି ସିଂହନାଥଙ୍କ ପୀଠରେ ବିପୁଳ ସମାଗମ ହୋଇଥିଲା । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୧୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲା । ବଡ଼ମ୍ବା । ସ୍ୱାସ୍ଥ୍ୟ ବିଭାଗ ଓ ଓଡ୍ରାଫ ଏବଂ ଅଗ୍ନିଶମ ଟିମ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ସୂଚନା ଦେଇଥିଲେ । ପରେ ଉଦଘାଟନୀ ସଭାରେ ସରପଞ୍ଚ ଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


ଦଧିବାମନ ଜୀଉ


ଭଗବତୀ ପୀଠ


ବାବା ସିଂହନାଥଙ୍କ ପୀଠ

**ନିଶ୍ଚିନ୍ତକୋଇଲି:** ପବିତ୍ର ମକର ସଂକ୍ରାନ୍ତି ଅବସରରେ ଅସୁରେଶ୍ୱରର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କୁ ମକର ଚୌରାଶୀ ବେଶରେ ସଜ୍ଜିତ କରାଯାଇଛି । ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କର ମଙ୍ଗଳ ଆଳତୀ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାକାର୍ଯ୍ୟ ସମାପନ ହୋଇଥିଲା । ମଧ୍ୟାହ୍ନରେ ପ୍ରଭୁ ଶ୍ରୀ ଜୀଉଙ୍କୁ ମକର ଚୌରାଶୀ ବେଶରେ ବିମଣ୍ଡିତ କରାଯିବା ପରେ ଭକ୍ତମାନେ ଦର୍ଶନ କରିଥିଲେ । ସନ୍ଧ୍ୟାରେ ଶ୍ରୀଜୀଉଙ୍କର ବେଢ଼ା ପରିକ୍ରମା କାର୍ଯ୍ୟକ୍ରମ କରାଯାଇଥିଲା । ମନ୍ଦିରା ପରିଚ୍ଛା ସେବକ, ନିଯୋଗୀ ସେବକ ଓ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସ୍ଥାନୀୟ ଅଞ୍ଚଳରୁ ବହୁ ଭକ୍ତ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ମକର ଚାଉଳ ପ୍ରସାଦ ସେବନ କରିଥିଲେ ।

**ସାଲେପୁର:** ପ୍ରତିବର୍ଷ ଭଳି ଚଳିତ ବର୍ଷ ବଟେଶ୍ୱର ଗ୍ରାମ ଚିତ୍ରୋତ୍ପଳା ଗୁପ୍ତଗଙ୍ଗା କୂଳରେ ଥିବା ମା'ଭଗବତୀଙ୍କ ପୀଠରେ ମକର ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳୁ ମା'ଙ୍କୁ ସ୍ୱତନ୍ତ୍ର ସ୍ନାନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ମାଳିକା କଥା ଅନୁଯାୟୀ ଆଜିର ଦିନରେ ଯେଉଁ ଭକ୍ତ ଚିତ୍ରୋତ୍ପଳା ନଦୀରେ ବୁଡ଼ ପକାଇ ମା'ଭଗବତୀଙ୍କ ଦର୍ଶନ କରିଥାନ୍ତି, ୧ ଶହ ବର୍ଷର ପାପ କ୍ଷୟ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଏଣୁ ଆଜିର ଦିନରେ ବହୁ ଦୂରଦୂରାନ୍ତରରୁ ଶ୍ରଦ୍ଧାଳୁମାନେ ଆସି ଚିତ୍ରୋତ୍ପଳା ଗୁପ୍ତଗଙ୍ଗାରେ ବୁଡ଼ ପକାଇ ମା'ଙ୍କ ଦର୍ଶନ କରିଥାନ୍ତି । ସେହିପରି ଆଜି ମା'ଙ୍କ ନିକଟରେ ନୂଆ ଧାନର ଚାଉଳ ଭୋଗ ଅର୍ପଣ କରାଯାଇଥାଏ । ଏହି ମକର ମେଳାରେ ବହୁ ଦୂରଦୂରାନ୍ତରୁ ସହସ୍ରାଧିକ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଦର୍ଶନ କରିବା ସହ କୃପା ଲାଭ କରିଥିଲେ ।

**ଚୌଦ୍ୱାର:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣା ଗ୍ରାମ ନିକଟ ପାହାଡ଼ ଓ ଜଙ୍ଗଲଘେରା ପରିବେଶରେ ପ୍ରତିଷ୍ଠିତ ବନଦେବୀ ମା'ଡମଡମଣୀ ପୀଠରେ ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ମା'ଙ୍କ ଦର୍ଶନ ପାଇଁ ସୋମବାର ଭୋର ସମୟରୁ ପୀଠକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ମା'ଙ୍କ ପୂଜାର୍ଚ୍ଚନା ତଥା ମାନସିକ ପୂରଣ ପାଇଁ ମାନସିକଧାରୀଙ୍କ ସମାଗମ ପୀଠକୁ ଚଳଚଞ୍ଚଳ କରିଦେଇଥିଲା । ମା' ଡମଡମଣୀ ଓ ବନଦେବୀ ମା' ବନଦୁର୍ଗାଙ୍କର ନାନା ପୂଜାବିଧି ସହିତ ପୀଠରେ ସାରାଦିନ ବ୍ୟପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୀଠରେ ପ୍ରବଳ ଜନସମାଗମକୁ ଦେଖି ଭିଡ଼ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀଙ୍କ ସମେତ ୬ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ଚାରବାଟିଆ ଗାୟତ୍ରୀ ପ୍ରଜ୍ଞାପୀଠ ତରଫରୁ ବିଭିନ୍ନ ସେବା କାର୍ଯ୍ୟ ଓ ଯଜ୍ଞ ପରିଚାଳନା କରାଯାଇଥିବାବେଳେ ସ୍ଥାନୀୟ ବହୁ ସ୍ୱୟଂ ସହାୟିକା ଗୋଷ୍ଠି ତରଫରୁ ମେଳାରେ ଖୋଲାଯାଇଥିବା ଷ୍ଟଲ ମାନଙ୍କରେ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗର ବହୁ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ପୀଠ ଚତୁର୍ପାଶ୍ୱ ଓ ରାସ୍ତାରେ ଜଗି ରହିଥିଲେ । ହାତୀ ବାହାରୁ ଥିବାରୁ ସଂଧ୍ୟା ପୂର୍ବରୁ ପୀଠ ଛାଡ଼ି ଚାଲିଯିବାକୁ ବନବିଭାଗ ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଯାତ୍ରୀଙ୍କୁ ସଜାଗ କରାଯାଇଥିଲା । ପରିଚାଳନା କମିଟି ସଭାପତି ଜୟନ୍ତ ପାତ୍ର, ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା ମେଳା ପରିଚାଳନା କରିଥିଲେ ।

**ନିଆଳି:** ପବିତ୍ର ମକରଯାତ୍ରା ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତ ଲୁଣିଗାଁ ସ୍ଥିତ ସାଧୁବାବା ପୀଠରେ ପାଳିତ ହୋଇଯାଇଛି । ଏହି ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପୀଠର ସବୁଠାରୁ ବଡ଼ ପର୍ବ ହେଉଛି ମକର ପର୍ବ । ଗ୍ରାମବାସୀଙ୍କ ପକ୍ଷରୁ ଏହି ଯାତ୍ରା ପାଳନ କରାଯାଉଥିବା ବେଳେ ପ୍ରାତଃରୁ ସ୍ଥାନୀୟ ଶ୍ରଦ୍ଧାଳୁମାନେ କଳସ ବୁଡ଼ାଇ ଆଣି ସାଧୁବାବାଙ୍କ ପୀଠରେ ସ୍ଥାପନ କରିବା ପରେ ହରିନାମ ସଂକୀର୍ତ୍ତନ ସହ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଧର୍ମୀୟ ଭାବନା ଅନୁଯାୟୀ ଏହି ପୀଠକୁ ଶ୍ରଦ୍ଧାଳୁମାନେ ଆଣିଥିବା ପ୍ରସାଦ ଲାଗି ହେବା ପରେ ଉକ୍ତ ପ୍ରସାଦ ପୀଠ ବାହାରକୁ ଯିବା ମନା ବୋଲି ପରମ୍ପରା ରହିଆସିଛି । ଲୋକକଥା ଅନୁଯାଇ କେଉଁ ଆବାହମାନ କାଳରୁ ଉକ୍ତ ସ୍ଥାନରେ ୩ ଜଣ ସାଧୁଙ୍କ ମୂର୍ତ୍ତି ରହି ପୂଜା ପାଇ ଆସୁଥିବା ବେଳେ ଏହି ପୀଠ ସାଧୁବାବା ପୀଠ ନାମରେ ପରିଚିତ । ଏହି ପୀଠକୁ ଯିବା ପାଇଁ ଦୀର୍ଘବର୍ଷ ତଳେ ଯାତାୟତର ସୁବିଧା ନ ଥିବା ବେଳେ ଲୋକେ ଡ଼ଙ୍ଗାରେ ଯାତାୟତ କରୁଥିଲେ । ଥରେ ଉକ୍ତ ପୀଠକୁ କିଛି ଶ୍ରଦ୍ଧାଳୁ ଆସି ଭୋଗ କରିସାରି ଭୋଗକୁ ଆଣି ଫେରୁଥିବା ବେଳେ ଡ଼ଙ୍ଗାଟି ପାଣିରେ ବୁଡ଼ିଯାଇଥିଲା । ସେବେଠାରୁ ପରମ୍ପରା ଅନୁଯାୟୀ ଉକ୍ତ ପୀଠରୁ ଭୋଗ ବାହାରକୁ ଯାଏ ନାହିଁ । ଶ୍ରଦ୍ଧାଳୁମାନେ ଭୋଗ ଡ଼ାଲା, ଭୋଗ ତସଲା ଓ ପଲିଥିନ୍‌ରେ ଭୋଗ ଆଣି ସାଧୁବାବାଙ୍କ ପୀଠକୁ ଆସୁଥିବା ବେଳେ ଗଲାବେଳେ ଖାଲି ହାତରେ ଯାଉଥିବା ଦେଖିବାକୁ ମିଳିଥିଲା ।

## ଶ୍ରୀ ଶୋଭନେଶ୍ୱର ମନ୍ଦିର

**ନିଆଳି :** ନିଆଳି ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବଙ୍ଗାଳିସାହି ସ୍ଥିତ ନିଆଳି ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଶୋଭନେଶ୍ୱର ମହାଦେବ ୧୫ ଦିନ ଜ୍ୱରରେ ପୀଡିତ ରହିବା ପରେ ମକର ସଂକ୍ରାନ୍ତିରେ ପ୍ରାତଃ କାଳରୁ ଶୁଦ୍ଧ ଜଳରେ ସ୍ନାନ କରାଯିବା ସହ ୧୦୮ କଳସ ପାଣି ଜଳଲାଗି କରାଯାଇ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ । ପରମ୍ପରା ଅନୁଯାୟୀ ଶୋଭନେଶ୍ୱର ମହାଦେବ ୧୫ଦିନ ହେଲା ଅସୁସ୍ଥ ରହିଥିଲେ । ଏଥି ନିମନ୍ତେ ତାଙ୍କୁ ଏକ ଘୋଡ଼ଣୀରେ ଘୋଡ଼େଇ ଦିଆଯିବା ସହ ଚେରମୂଳିରେ ପ୍ରସ୍ତୁତ ମଲମ ଲାଗି କରାଯାଇଥିଲା । ଶ୍ରୀ ଜୀୟୁଙ୍କ ଦେହରେ ଜଳଲାଗି ନ ହେବା ସହ ଘଣ୍ଟଘଣ୍ଟା ବନ୍ଦ ରହିଥିଲା । ଏହି ଅବସରରେ ପରମ୍ପରା ଅନୁଯାୟୀ ମହାଦେବଙ୍କ ମକର ଯାତ୍ରା ପାଇଁ ସନ୍ଧ୍ୟାରେ ସେବାୟତମାନେ ଶ୍ରୀ ଜୀୟୁଙ୍କ ପୀଠରୁ ଆଜ୍ଞାମାଳ ଧରି ଘଣ୍ଟଘଣ୍ଟା, ଢ଼ୋଲମହୁରୀ, ଛତିତରାସ ଧରି ଶୋଭାଯାତ୍ରାରେ ନିଆଳି ପୂବଖଣ୍ଡ ଗ୍ରାମରେ ପହଞ୍ଚି ସେଠାରୁ ମକର ଚାଉଳ ପାଇଁ ସାମଗ୍ରୀ ଧରି ମନ୍ଦିରରେ ପହଞ୍ଚିଥିଲେ ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ମକର ମିଳନ

**କଟକ, ୧୫ ।୧(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ମକର ମିଳନ ଓ ବ୍ୟାସ କବି ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଶ୍ରୀ ସଙ୍କଟମୋଚନ ହନୁମାନଜୀଉଙ୍କ ମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ, ଚାଲିଶା ପାଠ, ପୂଜାର୍ଚ୍ଚନା ଓ ହୋମ, ପୁଷ୍ପାଞ୍ଜଳି ସହ ମକର ଚାଉଳ ଭୋଗ ଅର୍ପଣ କରାଯାଇଥିଲା । ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ମକର ମିଳନର ଅଭିନନ୍ଦନ ଜଣାଇବା ସହ ବ୍ୟାସ କବି ଫକୀରମୋହନଙ୍କ ଜୟନ୍ତୀ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପଣ୍ଡିତ ତପନ ଦାଶ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସଙ୍ଗୀତ ନିର୍ଦ୍ଦେଶକ ରଞ୍ଜନ ସାହୁ, ଗଜେନ୍ଦ୍ର ସ୍ୱାଇଁ, ବୀରବର ବେଜ୍ ପ୍ରମୁଖ ଯୋଗଦେଇଥିଲେ ।



# ବ୍ୟଙ୍ଗ କବି ମାଧବଚନ୍ଦ୍ର ସ୍ୱାଇଁଙ୍କୁ ଭେଟିଲେ ମେୟର

**କଟକ, ୧୫ ।୧(ସମିସ):** ବ୍ୟଙ୍ଗ କବି ତଥା ସାମ୍ବାଦିକ ମାଧବ ଚନ୍ଦ୍ର ସ୍ୱାଇଁଙ୍କୁ ସିଡିଏ ସ୍ଥିତ ବାସଭବନରେ ଭେଟିଛନ୍ତି ମେୟର ସୁବାସ ସିଂହ । ଶ୍ରୀ ସ୍ୱାଇଁ ପରିଶ୍ରା ଜନିତ ରୋଗରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ । ସିଏମସିର 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ମେୟର ତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କଟକର ବହୁବିଧ ସମସ୍ୟା ସମ୍ପର୍କରେ ତାଙ୍କର ପରାମର୍ଶ ଲୋଡିଥିଲେ ।



# ଅର୍ପଣ ରଥ ପରିକ୍ରମା ଶେଷ





ଟାଙ୍ଗୀ, ୧୫ ।୧(ସମିସ)

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍ଦେଶ୍ୟରେ ଗାଁ ଗାଁରେ ପରିକ୍ରମା କରିଛି ଅର୍ପଣ ରଥ । ୧୫ତାରିଖ ପବିତ୍ର ମକର ସଂକ୍ରାନ୍ତି ରଥ ପରିକ୍ରମାର ଶେଷ ଦିବସ ହୋଇଥିବା ବେଳେ ଅର୍ପିତ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ ବ୍ଲକ ମୁଖ୍ୟାଳୟରେ ଜମାହେବାରେ ଲାଗିଛି । ତେବେ ୨୪ ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ-ଚୌଦ୍ୱାର ବ୍ଲକରୁ ମୋଟ ୯୦.୮ କ୍ୱିଣ୍ଟାଲ ଚାଉଳ ସଂଗୃହିତ ହୋଇଥିଲାବେଳେ କୋଟସାହି ପଞ୍ଚାୟତରେ ସର୍ବାଧିକ ୧୧ କ୍ୱିଣ୍ଟାଲ ଚାଉଳ ସଂଗ୍ରହ ହୋଇଛି । ସେହିପରି ସହସ୍ରାଧିକ ନଡ଼ିଆ ଓ ଗୁଆ ସଂଗୃହିତ ହୋଇଥିବା ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ସୂଚନା ଦେଇଛନ୍ତି । ସରକାରୀ ନିଷ୍ପତ୍ତି ଅନୁଯାୟୀ ଗୁଆ ଓ ଚାଉଳ ପୁରୀ ପଠାଯିବ ଓ ଆଦାୟ ଅର୍ଥ ଶ୍ରୀ ଜଗନ୍ନାଥଙ୍କ ହୁଣ୍ଡିରେ ଜମା କରାଯିବ ଏବଂ ସମସ୍ତ ହିସାବ ଆସିଲେ ଟଙ୍କାର ପରିମାଣ ଜଣାପଡ଼ିବ ବୋଲି ଶ୍ରୀ ଜେନା ପ୍ରତିକ୍ରିୟା ରଖିଛନ୍ତି ।

**ଟାଙ୍ଗୀ-ଚୌଦ୍ୱାରରୁ ୯୧ କ୍ୱିଣ୍ଟାଲ ଅକ୍ଷତ ସଂଗ୍ରହ**

**କିଶନନଗର:** କିଶନନଗର ପଞ୍ଚାୟତରେ ୨ ଦିନ ଧରି ଆଧ୍ୟାତ୍ମିକ ପରିବେଶରେ ଗ୍ରାମ ପରିକ୍ରମା କରିଛି ଅର୍ପଣ ରଥ । ରାସ୍ତାରେ ମହିଳାମାନେ ଝୋଟି ପକାଇ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ନଡିଆ ଓ ଗୁଆ ଦେଇ ବନ୍ଦାପନା କରିଥିଲେ । ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତଥା ସଦର ବିଜେଡି ଯୁବନେତା ବିଳାସ ମଲ୍ଲିକ, ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଜିଲ୍ଲା ମହିଳା ବିଜେଡି ଉପସଭାପତି ଇଲାବତୀ ବିଶୋଇ, ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ, ପଞ୍ଚାୟତର ସରପଞ୍ଚ ସୁଜାତା ସେଠୀ, ପଞ୍ଚାୟତ ବିଜେଡି କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ମହାପାତ୍ର, ସୁରେଶ ଚନ୍ଦ୍ର ବିଶୋଇ, ବିଭୂତି ପରିଡ଼ା, ସତ୍ୟ ରାୟ, ମିଲଟନ ନାୟକ, ଦେବେନ୍ଦ୍ର ମଲ୍ଲିକ, ଲିଟୁ ସାହୁ, ସୁକାନ୍ତ ରଣା ଓ କିଶନନଗର ପଞ୍ଚାୟତର ସମସ୍ତ ଜଗନ୍ନାଥ ପ୍ରେମୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ରଘୁନାଥ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଙ୍କୀ, ୧୫।୧(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସଭାପତି ରଘୁନାଥ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ବୋଲି ବକ୍ତବ୍ୟରେ କହିଥିଲେ । ଏଥିରେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, କେନ୍ଦୁପଲ୍ଲୀ ପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ ସୁବୁଦ୍ଧି, ବିପିନି ବିହାରୀ ନନ୍ଦ, କୈଳାସ ଚନ୍ଦ୍ର ସାହୁ, କାଳନ୍ଦୀ ଚରଣ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଭୁ ପ୍ରସାଦ ବେହେରା, ରମେଶ ପରିଡ଼ା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



## ମଦ ଓ ପୋଚ ନଷ୍ଟ

**ଆଠଗଡ଼, ୧୫।୧(ସମିସ):** ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଏବଂ ଖଣ୍ଡୁଆଳୀ ସଂରକ୍ଷିତ ଜଙ୍ଗଲରେ ଚଢଉ କରାଯାଇ ୩୮୫ ଲିଟର ଚୋରା ଦେଶୀ ରନ୍ଧାମଦ ଏବଂ ୬୯୩୦ ଲିଟର ଗୁଡ଼ ପୋଚ ଜବତ ସହ ନଷ୍ଟ କରାଯାଇଛି। ଏ ବାବଦରେ ଅଭ୍ୟାସ ଗତ ମଦ ମାଫିଆଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ମଦ ଜବତ; ଜଣେ ଗିରଫ

**ବାରଙ୍ଗ, ୧୫।୧(ସମିସ):** ବାରଙ୍ଗ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଦେଶୀ ମଦ ବିକ୍ରି କରୁଥିବା ଜଣେ ମଦ ମାଫିଆକୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ବଡମୁଣ୍ଡଲୀ ଗ୍ରାମର ରବୀନ୍ଦ୍ର ସାହୁ(୩୯)। ପୁଲିସ ସୂଚନା ଅନୁଯାୟୀ ଗୋଡିସାହି ଫାଣ୍ଡି ପୁଲିସ ରାତିରେ ପେଟ୍ରୋଲିଂ କରୁଥିବାବେଳେ ବଡମୁଣ୍ଡଲୀ ଗ୍ରାମର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ମଦ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପରେ ରବୀନ୍ଦ୍ରକୁ ଧରିବା ପାଇଁ ଏସଆଇ ବିଚିତ୍ରା ନନ୍ଦ ଏକ ଟିମ ଗଠନ କରି ବଡମୁଣ୍ଡଲୀରୁ ତାକୁ ଧରିବାରେ ସକ୍ଷମ ହୋଇଥିଲେ। ତା' ନିକଟରୁ ୬୦ଲିଟର ଦେଶୀ ମଦ ଜବତ କରିଥିଲେ। ଏନେଇ ବାରଙ୍ଗ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ସୋମବାର ଦିନ ବିଚାର ବିଭାଗୀୟ ହାଜତକୁ ପଠାଇଥିବା ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ସୂଚନା ଦେଇଛନ୍ତି।

## ଟଙ୍କା ଠକିନେଇ ଯୁବକ ଗିରଫ

**ଫୁଲନଖରା, ୧୫।୧(ସମିସ):** କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମର ଜଗନ୍ନାଥ ବାରିକଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ସଦର ଥାନା ପକ୍ଷରୁ ଏସ୍ଆଇ ବିକ୍ରମ ବେହେରା ଘଟଣାର ତଦନ୍ତ କରି ବାଙ୍କୀ ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ସୌମ୍ୟ ରଞ୍ଜନ ନାୟକ (୨୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ ସୌମ୍ୟ ଦୀର୍ଘଦିନ ହେବ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମରେ ରହୁଥିଲେ। ସେ ନୂଆଗଡ଼ ନିବାସୀ ଜଗନ୍ନାଥଙ୍କ ଠାରୁ ଚୁକ୍ତି କରି ୨୦ ଲକ୍ଷ ୭୬ ହଜାର ଟଙ୍କା ନେଇଥିଲେ। କିନ୍ତୁ ସେ ଚୁକ୍ତି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଟଙ୍କା ଜଗନ୍ନାଥଙ୍କୁ ଫେରସ୍ତ କରି ନ ଥିଲେ। ଜଗନ୍ନାଥ ଠିକ୍ ସମୟରେ ଟଙ୍କା ନ ପାଇବାରୁ ସୌମ୍ୟଙ୍କୁ ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଅନୁରୋଧ କରିବାରୁ ୮ଲକ୍ଷ ୬୯ହଜାର ଟଙ୍କା ଫେରସ୍ତ କରିଥିଲେ। ଅବଶିଷ୍ଟ ଟଙ୍କା ମାଗିବାରୁ ସୌମ୍ୟ ଲୁଚିବା ସହିତ ଟଙ୍କା ମାଗିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଜଗନ୍ନାଥକୁ ଧମକ ଦେଇଥିଲେ। ଫଳରେ ଜଗନ୍ନାଥ ଥାନାର ଦ୍ୱାରସ୍ଥ ହୋଇ ସୌମ୍ୟ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ।

## ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ଦୁଇ ପିସିସି ସଭ୍ୟଙ୍କ ଯୋଗଦାନ

**ନିଶ୍ଚିନ୍ତକୋଇଲି, ୧୫।୧(ସମିସ):** ଜାତୀୟ କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁର ରାଜ୍ୟରେ ଚାଲିଥିବା ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ଦୁଇ ପିସିସି ସଭ୍ୟ ଯୋଗ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ମାହାଙ୍ଗା ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ତଥା ପିସିସି ସଭ୍ୟ ପ୍ରଦିପ୍ତ କୁମାର ଦାସ, ରାଜ୍ୟ ନିର୍ବାଚନ କମିଟିର ଉପସଭାପତି ତଥା ବଡ଼ଚଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି ଏଥିରେ ଯୋଗଦେଇଛନ୍ତି।

## ଦାଦା ବଟି ମାଗି ଜଣେ ଗିରଫ

**ବାରଙ୍ଗ, ୧୫।୧(ସମିସ):** ୨ଲକ୍ଷ ଟଙ୍କା ଦାଦା ବଟି ମାଗିବା, ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ବାରଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି ସୋମବାର ବିଚାର ବିଭାଗୀୟ ହାଜତକୁ ପଠାଇଛି। ଗିରଫ ଯୁବକ ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମର ଛବିନ୍ଦ୍ର ଲେଙ୍କା (୩୩)। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ଦିନ ଆସାମୀ ଛବି ଓ ତାଙ୍କ ସହଯୋଗୀକୁ ଧରି ନରଣପୁରସ୍ଥିତ ବାଲିଘାଟକୁ ଯାଇ ୨ ଲକ୍ଷ ଟଙ୍କା ମାଗିଥିଲେ। ବାଲିଘାଟ ନିଲାମଧାରୀ ଦାଦା ବଟି ଦେବାକୁ ମନା କରିଦେବାରୁ ଛବି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ପ୍ରକାଶ ଚନ୍ଦ୍ର ତରାଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ଛବିକୁ ଗିରଫ କରିଥିଲା। ଛବିନ୍ଦ୍ର ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି।



## ଆଠଗଡ଼ ସାମ୍ବାଦିକ ସଂଘର ମକର ମିଳନ

**ଆଠଗଡ଼, ୧୫।୧(ସମିସ):** ଆଠଗଡ଼ର ଆରାଧ୍ୟ ଦେବୀ ମା' ଉତ୍ତରାଚଣ୍ଡୀଙ୍କ ପୀଠରେ ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ମକର ମିଳନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମକର ଚାଉଳକୁ ମା'ଙ୍କ ନିକଟରେ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇ ସମସ୍ତ ସାମ୍ବାଦିକ ବନ୍ଧୁମାନେ ନିଜ ନିଜ ଭିତରେ ମକର ଚାଉଳ ଖାଇଥିଲେ। ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମହାପାତ୍ର, ସର୍ବେଶ୍ୱର ପଣ୍ଡା, ଉପସଭାପତି ବିଷ୍ଣୁ ପ୍ରସାଦ ଦାଶ, ବ୍ରହ୍ମାନନ୍ଦ ଲେଙ୍କା, ପତିତପାବନ ରାଉତ, ଅଶୋକ ପ୍ରଧାନ, ସଞ୍ଜୟ ମହାନ୍ତି, ବିଶ୍ୱଜିତ ରାଉତ, ବିରୁପାକ୍ଷ ପ୍ରଧାନ, ସ୍ୱରାଜ ପଣ୍ଡା, ସନ୍ତୋଷ ବାରିକ, ବିଜୟ ନାୟକ, ମାନସ ରଞ୍ଜନ ସାହୁ, ଅଭୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ଏକତ୍ରିତ ହୋଇ ମା'ଙ୍କ ମକର ମିଳନ ପ୍ରସାଦ ସେବନ କରିଥିଲେ। ସମ୍ପାଦକ ବିଭୁତି ଭୂଷଣ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# କଟକଣା ପରେ ବାଲି ଦର ଦୁଇଗୁଣା

**କଟକ, ୧୫।୧(ସମିସ):**



ଅଘୋଷିତ ଘାଟରୁ ଚୋରା ଚାଲାଣ

ଜିଲ୍ଲାରେ ଚୋରା ବାଲି ଚାଲାଣ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ। କଟକ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ଲକ୍ଷାଧିକ ଟଙ୍କାର ବାଲି ରାତି ବେଳା ଚୋରା ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏପରିକି ନିକଟରେ ହାଇକୋର୍ଟ ମଧ୍ୟ ଏନେଇ ଉଦବେଗ ପ୍ରକାଶ କରିଥିଲେ। ଖଣି ବିଭାଗ ପକ୍ଷରୁ ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ ପାଇଁ ଜାରି ବିଜ୍ଞପ୍ତି ଉପରେ ମଧ୍ୟ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ଏହା ପରେ କିନ୍ତୁ ବାଲି ଦର ଆକାଶଛୁଆଁ ହୋଇଯାଇଛି। କଟକଣା ଥିବାରୁ ବାଲି ମିଳୁ ନ ଥିବା ଦର୍ଶାଇ ବାଲି ଦର ବଢ଼ାଇ ଦିଆଯାଇଛି। ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ ଅଧୀନରେ ମୋଟ ୧୦୭ଟି ବାଲିଘାଟ ରହିଥିଲେ ମଧ୍ୟ ତନ୍ମଧ୍ୟରୁ ୭୬ଟି ବାଲିଘାଟ ନିଲାମ କରାଯାଇଥିଲା। ଏଥିମଧ୍ୟରୁ ନିକଟରେ ୨୮ଟି ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିଲା। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ସବୁ ବାଲିଘାଟକୁ ଖଣି ବିଭାଗ ବନ୍ଦ କରିଥିଲା। କିନ୍ତୁ ଏହା ଏବେ ବାଲି କଳାବଜାରୀଙ୍କୁ ସୁହାଇଛି। ନିଲାମ ହୋଇ ନ ଥିବା ବାଲିଘାଟ ସହ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ରାତିଅଧିଆ ବାଲି ଚୋରା ଚାଲାଣ କରୁଛନ୍ତି। ମହାନଦୀ, କାଠଯୋଡି, ଦେବୀ, ବିରୂପା, ଲୁଣା, ଚିତ୍ରୋପ୍ତଳା ଆଦି କେତେକ ନଦୀରେ ଏହି ସବୁ ଅଘୋଷିତ ଘାଟ ଚାଲୁଛି। ଏମିତିକି ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ୭୦୦ରୁ ୮୦୦ଟଙ୍କା ଗତ କିଛି ଦିନ ତଳେ ଥିବା ବେଳେ ଏବେ ଏହା ଦେଢ ହଜାରରୁ ଅଧିକ ହୋଇଯାଇଛି। ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ବିକ୍ରି କରାଯାଉଛି। ଯାହା ଖଣିଜ ନିୟମର ଉଲ୍ଲଙ୍ଘନ ଅଟେ। ସହରର ଖାନନଗର, ଘାଟକୂଳ, ସାର୍ଦ୍ଦୋଳ ଅଞ୍ଚଳରୁ ଚୋରାରେ ବାଲି ଚାଲାଣ ହେଉଛି। ଗୋଟିଏ ପଟରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବାଲିଘାଟ ଗୁଡିକ ସାମୟିକ ବନ୍ଦ ରହିଥିଲେ ବି କେଉଁଠୁ ବାଲି ଉଠୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ହାଇୱା ଗୁଡିକୁ କିଛି ଦିନ ହେବ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳୁନାହିଁ କିନ୍ତୁ ଶହ ଶହ ସଂଖ୍ୟାରେ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି। ଏଗୁଡିକ ବିରୋଧରେ କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ବାଲିଘାଟ ଗୁଡିକ ଉପରେ ନଜର ରଖିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡକୁ ମୁତୟନ କରାଯାଇଛି। ଯଦି ବେଆଇନ ଉତ୍ତୋଳନ ନେଇ ଅଭିଯୋଗ ଆସେ ତା'ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ମକରରେ ଧବଳେଶ୍ୱରଙ୍କ ପୀଠରେ ଭିଡ଼

### ୨ ମହିଳା ଲୁଟେରା ଅଟକ

**ଆଠଗଡ଼, ୧୫।୧(ସମିସ):** ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଆଜି ବାବା ଧବଳେଶ୍ୱରଙ୍କ ଦର୍ଶନ କରିବା ସହ ବିଭୁ କୃପା ଲାଭ କରିଥିଲେ। ଆଜି ପବିତ୍ର ମକର ସଂକ୍ରାନ୍ତିରେ ବାବାଙ୍କ ଦର୍ଶନ କରିବା ସହ ମକର ଚାଉଳ ଅର୍ପଣ କରି ମକର ଚାଉଳ ପ୍ରସାଦ ସେବନ କରିବା ଓ ବାବା ଧବଳେଶ୍ୱର ବେଢ଼ା ପରିକ୍ରମା କରିବାର ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଜନସମାଗମ ଦେଖିବାକୁ ମିଳିଥିଲା। ଭିଡର ଫାଇଦା ନେଇ କିଛି ଲୁଟେରା ଭକ୍ତମାନଙ୍କର ମନିପର୍ସ ଓ ମୋବାଇଲ ଲୁଟ୍ କରିଥିଲେ। ଲୁଟର ଶିକାର ଭକ୍ତଙ୍କ ହୋହାଲ୍ଲା ପରେ ପୁଲିସ ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଯାଞ୍ଚ କରି ୨ ମହିଳା ଲୁଟେରାଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। କିନ୍ତୁ ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସହିତ ଅନ୍ୟ ଲୁଟେରାମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଲୁଟେରାମାନେ ପଶ୍ଚିମବଙ୍ଗ ଅଞ୍ଚଳର କସ୍ତୁରୀ ଶିଙ୍ଗ(୨୭) ଓ ସାବିତ୍ରୀ ଶିଙ୍ଗ (୨୬) ବୋଲି ଗୁରୁଡ଼ିଝାଟିଆ ଥାନା ଅଧିକାରୀ ସୁମନ୍ତ କିଷାନଙ୍କ ସୂଚନା ଦେଇଛନ୍ତି। ଲୁଟ ପରେ ପୁଲିସ ପକ୍ଷରୁ ପୀଠରେ ବିଭିନ୍ନ ସ୍ଥାନରେ ଛାନଭିନ୍ କରିବା ସହ ତଦନ୍ତ ଆରମ୍ଭ କରିବା ସହ ପୀଠର ପ୍ରସ୍ଥାନ ପଥକୁ କଡାକଡ଼ି ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା।

## ନୂତନ ରାସ୍ତା ନିର୍ମାଣ ଶୁଭପ୍ରଦାନ

**ବାଙ୍କୀ, ୧୫।୧(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଅଞ୍ଚଳ ଆନନ୍ଦପୁର ଠାରୁ ରତାଗଡ଼ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଆଜି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶୁଭ ପ୍ରଦାନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଶରତଚନ୍ଦ୍ର ମହାପାତ୍ର ଏହି ରାସ୍ତା ନିର୍ମାଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ରାସ୍ତା ୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ବୋଲି ସହାକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଗତିକୃଷ୍ଣ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପୂର୍ବତନ ସରପଞ୍ଚ ତରୁଣକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ବାର୍ ଆସୋସିଏସନର ମିଳିତ ବୈଠକ




**କଟକ, ୧୫।୧(ସମିସ):** ଓକିଲ ମାନଙ୍କ ବିଭିନ୍ନ ସମସ୍ୟା ରହିଥିବା ବେଳେ ଏ ଗୁଡିକର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ବିଭିନ୍ନ ସମୟରେ ଆଇନଜୀବୀମାନେ ଆକ୍ରୋଶର ସମ୍ମୁଖୀନ ହେଉଥିବା ବେଳେ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ବିଭିନ୍ନ ଜିଲ୍ଲା ବାର ସଭାପତି ଓ ସମ୍ପାଦକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଉପରୋକ୍ତ ମତ ପ୍ରକାଶ ପାଇଛି। ସେହିପରି ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ବାର୍ଷିକ ଅନୁଦାନ ବୃଦ୍ଧି ସଂକ୍ରାନ୍ତରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବା

**ସରକାରଙ୍କ ନିକଟରେ ଓକିଲ ମାନଙ୍କ ସମସ୍ୟା ଉପସ୍ଥାପନ କରାଯିବ**

ନେଇ ବିଭିନ୍ନ ଜିଲ୍ଲା ଓକିଲ ସଂଘ କର୍ମକର୍ତ୍ତା ମତପୋଷଣ କରିଥିଲେ। ସେହିପରି ସବୁ ଓକିଲମାନେ ସଂଗଠିତ ହୋଇ ରହିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ହାଇକୋର୍ଟ ବାର ସଭାପତି ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହାଇକୋର୍ଟ ବାର ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ରାଜ୍ୟ ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ମାନସ ମହାପାତ୍ର, ଟହଲି ଚରଣ ମହାନ୍ତି, ଦେବୀପ୍ରସାଦ ଧଳ, ଦେବାଶିଷ ସ୍ୱାଇଁ ଓ ଜାନକୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ହାଇକୋର୍ଟ ସମେତ ବିଭିନ୍ନ ବାର କର୍ମକର୍ତ୍ତା ଯୋଗଦେଇଥିଲେ।

## ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ପରଲୋକ

**ତିଗିରିଆ, ୧୫।୧(ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତର ଅବସରପ୍ରାପ୍ତ କୃଷି ଅଧିକାରୀ ଲୋକନାଥ ଧଳ (୯୦) ଙ୍କର ଆଜି ସକାଳେ ତାଙ୍କ ପଞ୍ଚାଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପାଞ୍ଚଗାଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପାଦିତ ହୋଇଛି। ବଡ଼ପୁଅ ଅକ୍ଷୟ ଧଳ ମୁଖାଗ୍ନି ଦେଇଥିଲେ।



## କୋଳି ସମାଜର ବାର୍ଷିକ ଅଧିବେଶନ

**ନରସିଂହପୁର, ୧୫।୧(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ସାଗର ହାତିଆସୁଣୀ ପାହାଡ଼ ପରିସରରେ ନରସିଂହପୁର କୋଳି ସମାଜର ବାର୍ଷିକ ଅଧିବେଶନ ସଭାପତି ମେଘନାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନରସିଂହପୁର ବ୍ଲକର କମଳାଡିହ, ଗୋପପୁର, ବାଗଧରିଆ, ପୁରୁକୁଟିଆ ଓ ସାଗର ଗ୍ରାମର କୋଳି ସମାଜର ସମସ୍ତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



କୋଳି ସମାଜର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କର ଏସସି ଓ ଏସଟି ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ପୁସ୍ତକାବଳୀ 'କୋଳି ହ୍ୟାଣ୍ଡ ବୁକ'କୁ ପ୍ରଦର୍ଶିତ କରାଯାଇଥିଲା।

## ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭାଗନେଲା ଶ୍ରୀରାମ ନାଟ୍ୟ ସଂସଦ



**ବାଙ୍କୀ, ୧୫।୧(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର କଳାକାରମାନେ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ରାମଲୀଳା ପରିବେଷଣ ନିମନ୍ତେ ମନୋନୀତ ହୋଇଛନ୍ତି। ଏଥିପାଇଁ ନାଟ୍ୟ ଅନୁଷ୍ଠାନର ସମ୍ପାଦକ ଅଶୋକ ବେହେରା ନିଜର ସମସ୍ତ କଳାକାରମାନଙ୍କ ସହିତ ଆଜି ସକାଳୁ ଅଯୋଧାରେ ପହଞ୍ଚି ତୁଳସୀବଣ ଠାରେ ସେମାନଙ୍କର କଳା ପରିବେଷଣ କରିଛନ୍ତି। ସୂଚନା ଥାଉକି ଓଡ଼ିଶାର ଏହା ଏକମାତ୍ର ଅନୁଷ୍ଠାନ ଯାହାକି ଉକ୍ତ ଉତ୍ସବରେ ଯୋଗଦେବାର ସୌଭାଗ୍ୟ ଅର୍ଜନ କରିଛି। ଶ୍ରୀରାମ ନାଟ୍ୟ ସଂସଦର ଏହି ସଫଳତା ପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

## ବିଜେପୁର ଘଟଣାରେ ଦୋଷୀଙ୍କ ଗିରଫ ଦାବିକଲା ସାଲେପୁର ବାର୍ ଆସୋସିଏସନ୍

**ସାଲେପୁର, ୧୫।୧(ସମିସ):** ବିଜେପୁର ଏକ କୋର୍ଟ ଉଦ୍‌ଘାଟନ କାର୍ଯ୍ୟରେ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବାକୁ ଯାଇଥିବା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କେତେକ ଅସାମାଜିକ ବ୍ୟକ୍ତି ବିରୋଧ କରିବାରୁ ମୁଖ୍ୟ ବିଚାରପତି କୋର୍ଟ ଉଦ୍‌ଘାଟନ କରି ନ ପାରି ଫେରିଆସିବା ଘଟଣାରେ ନ୍ୟାୟପାଳିକା ପ୍ରତି ଅପମାନ କରାଯାଇଥିବାରୁ ସାଲେପୁର ବାର ଆସୋସିଏସନ୍ ଏହାକୁ ତୀବ୍ର ନିନ୍ଦା କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସାଲେପୁର ବାର ଆସୋସିଏସନ୍‌ର ସଭାପତି ବିକ୍ରମ କେଶରୀ ବଳ ଅସାମାଜିକ ଯୁବକଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିବା ସହ ଉକ୍ତ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସାଲେପୁର କୋର୍ଟ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାର ଅସୋସିଏସନ୍‌ର ପୂର୍ବତନ ସମ୍ପାଦକ ଭାସ୍କର ବେହେରା, ପୂର୍ବତନ ସଭାପତି ଡଃ ଅରୁଣଦୋୟ ମହାନ୍ତି, ଗୌତମ ରାୟ ଚୌଧୁରୀ, ସହସମ୍ପାଦକ ହରପ୍ରସନ୍ନ ମିଶ୍ର, ମନୋଜ ସାମଲଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



# ସ୍ଥଳସେନା ଦିବସରେ ୧୯୭୧ ଯୁଦ୍ଧବୀରଙ୍କୁ ସମ୍ବର୍ଦ୍ଧନା




**କଟକ, ୧୫।୧(ସମିସ):** ସ୍ଥଳସେନା ଦିବସ ଅବସରରେ ଆଜି ଯୁଦ୍ଧବୀର ସମ୍ମାନ ସମିତି ପକ୍ଷରୁ ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ଲଢ଼ିଥିବା ବୀରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଶତାବ୍ଦୀ ଭବନରେ ସମିତିର ସଭାପତି ଘନଶ୍ୟାମ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ଜୟନ୍ତ ମହାନ୍ତି, ମୁଖ୍ୟବକ୍ତା ଭାବେ କଥାକାର ଡ. ଗୌରହରି ଦାସ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏୟାର୍ ମାର୍ସଲ୍ ଜ୍ୟୋତିନାରାୟଣ ବର୍ମା ଯୋଗଦେଇ ୧୯୭୧ ମସିହା ଯୁଦ୍ଧରେ ଭାରତୀୟ ସେନାଙ୍କ ଗରିମାର ସ୍ମୃତିଚାରଣ କରିଥିଲେ। ସମିତିର ସାଧାରଣ ସମ୍ପାଦକ ଭେଟେରାନ୍ ନୌସୈନିକ ସଚ୍ଚିକାନ୍ତ ନାଥଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୯୭୧ ମସିହା ଯୁଦ୍ଧବୀର କର୍ଣ୍ଣେଲ ଶରତ ମହାପାତ୍ର, ଅନରାରି କ୍ୟାପଟେନ୍ ଦୁର୍ଯ୍ୟୋଧନ ମହାନ୍ତି, ହାବିଲଦାର ପ୍ରଫୁଲ୍ଲ ସ୍ୱାଇଁ, ଚିଫ୍ ଏୟାର୍ ଫଟୋଗ୍ରାଫର୍ ମଦନମୋହନ ସାହୁ, ସୁବେଦାର ରାଧାନାଥ ଓଝା, କର୍ପୋରାଲ୍ ଉଦ୍ଧବ ଚରଣ ନାୟକ ଓ ଯୁଦ୍ଧବୀର ସ୍ୱର୍ଗତ ଅନରାରି କ୍ୟାପଟେନ୍ ପ୍ରଭାକର ବେହୁରାଙ୍କ ପତ୍ନୀ ଲକ୍ଷ୍ମୀକାନ୍ତି ବେହୁରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଯୁଦ୍ଧବୀର ଗ୍ରୁପ୍ କ୍ୟାପଟେନ୍ ବିରଜା ପ୍ରସାଦ ପଟ୍ଟନାୟକ, ସୁବେଦାର କୈଳାସ ଚନ୍ଦ୍ର ବିଶ୍ୱାଳ ଓ ପେଟି ଅଫିସର୍ ସନାତନ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କର୍ଣ୍ଣେଲ ଶରତ ମହାପାତ୍ର ଓ ଅନରାରି କ୍ୟାପଟେନ୍ ଦୁର୍ଯ୍ୟୋଧନ ମହାନ୍ତି ଯୁଦ୍ଧ ଅନୁଭୂତି ପ୍ରକାଶ କରିଥିଲେ। ଡିଏଭି ଏସ୍‌ସିବି ଛାତ୍ରୀ ଶିବାଙ୍ଗୀ ଶ୍ରୁତିକା ମହାନ୍ତି ସ୍ଥଳସେନା ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଭେଟରାନ୍ ଦିଲ୍ଲୀପ ଆଚାର୍ଯ୍ୟ, ସଞ୍ଜୟ ପ୍ରଧାନ, ଯଯାତି କେଶରୀ କର, ବିକାଶ ରାଉତରାୟ, ଅଶୋକ ଜେନା, ଚିତ୍ତରଞ୍ଜନ ପାତ୍ର, ଅଶ୍ୱିନୀ ଦାସ, ମହମ୍ମଦ ସୈଫ୍, ଗୀତିରଞ୍ଜନ ତ୍ରିପାଠୀ, ସୁଶାନ୍ତ ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ଛବୀନ୍ଦ୍ର ସାହୁ, ସ୍ମୃତିରଞ୍ଜନ ସାମଲ, ଶ୍ରୀୟାଂଶ ଶେଖର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭେଟେରାନ୍ ଶ୍ରୀପତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୯୭୧ ମସିହା ଯୁଦ୍ଧକୁ ନେଇ ଭେଟେରାନ୍ ନୌସୈନିକ ତଥା ସାମ୍ବାଦିକ ସଚ୍ଚିକାନ୍ତ ନାଥଙ୍କ ପୁସ୍ତକ 'ଯୁଦ୍ଧ-୧୯୭୧'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ନ୍ୟାସନାଲ୍ ଡିଫେନ୍‌ସ ଏକାଡେମିର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସୂର୍ଯ୍ୟକାନ୍ତ ନାଥ ପୁସ୍ତକ ଉପରେ ବକ୍ତବ୍ୟ ରଖିଥିଲେ।

